## ବନ୍ଧୁକ ଦେଖାଇ ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍



ଦାରିଙ୍ଗବାଡ଼ି,୭।୧(ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ କୁମ୍ଭାରମୁଣ୍ଡା ପଥର ଖାଦାନ ନିକଟରୁ ଲୁଟ୍ ହୋଇଛି । ଜଣେ ଫାଇନାନ୍ସ କର୍ମଚାରୀ ଋଣ ଟଙ୍କା ଆଦାୟ କରି ଦାରିଙ୍ଗବାଡ଼ି ଫେରୁଥିବା ସମୟରେ ଏହି ଲୁଟ୍ ହୋଇଛି । ଗୋଟିଏ ବାଇକ, ମୋବାଇଲ ସମେତ ନଗଦ ପ୍ରାୟ ୪୦ହଜାର ଟଙ୍କା ଲୁଟି ନେଇଛନ୍ତି ଦୁର୍ବୃତ୍ତ । ବନ୍ଧୁକରେ ମୁଣ୍ଡକୁ ପିଟି ଗୁରୁତର କରିଦେଇ ଏଲ୍ଏନଟି ଫାଇନାନ୍ସ କମ୍ପାନୀ କର୍ମଚାରୀ ମିଥେଲ ଦିଗାଲଙ୍କ ଠାରୁ ଦୁର୍ବୃତ୍ତ ଲୁଟି ନେଇଛନ୍ତି । ଗୁରୁତର ଅବସ୍ଥାରେ ମିଥେଲଙ୍କୁ ସ୍ଥାନୀୟ ଲୋକ ସିମନବାଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସୂଚନା ଅନୁଯାୟୀ ମିଥେଲ ଏକ ବାଇକରେ ସକାଳେ ଦାରିଙ୍ଗବାଡି ଫାଇନାନ୍ସ କାର୍ଯ୍ୟାଳୟରୁ ବାହାରି କିରିକୁଟି ପଞ୍ଚାୟତର କୁମ୍ଭାରମୁଣ୍ଡା ଗ୍ରାମ ଦେଇ ପର୍ଡ୍ଡମାହା ପଞ୍ଚାୟତ ସୁଜାମାଜୁ, କାଡିପାଙ୍ଗା ଅଞ୍ଚଳକୁ ଋଣ ବାବଦକୁ ଅର୍ଥ ସଂଗ୍ରହ କରିବା ପାଇଁ ଯାଇ ମଧ୍ୟାହ୍ନରେ ଦାରିଙ୍ଗବାଡି ଫେରୁଥିଲେ । ଏହି ସମୟରେ ୩ଜଣ ଦୁର୍ବୃତ୍ତ ମିଥେଲଙ୍କୁ ଅଟକାଇ ବନ୍ଧୁକ ଦେଖାଇବା ସହ ଗାଡିରେ ବସାଇ କିଛିବାଟ ନେଇଥିଲେ । ହେଲେ ଜଙ୍ଗଲରେ କିଛି ଲୋକ ହଳଦୀ ଖୋଳୁଥିବା ଦେଖି ମିଥେଲ ବାଇକରୁ ଡେଇଁବା ପାଇଁ ଉଦ୍ୟମ କରିଥିଲେ । ଦୁର୍ବୃତ୍ତଙ୍କ ସହ ମିଥେଲ ବାଇକରୁ ଖସିପଡ଼ିଥିଲେ । ରାଗରେ ଦୁର୍ବୃତ୍ତମାନେ ମିଥେଲଙ୍କୁ ବନ୍ଧୁକରେ ମୁଣ୍ଡକୁ ଆଘାତ କରି ସେଠାରୁ ପଳାଇ ଯାଇଥିଲେ । ଥାନା ଅଧିକାରୀ କନକ ମାଝୀଙ୍କ ନେତୃତ୍ୱରେ ସେକେଣ୍ଡ ଅଫିସର ଜୟନ୍ତ ସେଠୀ ଏକ ମାମଲା ରୁଜୁ କରି ଏହାର ତଦନ୍ତ ଆରମ୍ଭ କରିଛନ୍ତି ।

● ପ୍ରଥମ ସ୍ତ୍ରୀକୁ ପଥରରେ ଛେଚି ହତ୍ୟା ଘଟଣା

## ସ୍ୱାମୀ ସହ ୬ ସନ୍ଦିଗ୍ଧ ଅଟକ

ମୋହନା,୭।୧(ସମିସ): ଗଜପତି ଜିଲ୍ଲା ଅଡବା ଥାନା ଗୁଲୁବା ପଞ୍ଚାୟତ କଲେମା ଗାଁରେ ନିଜ ପ୍ରଥମ ସ୍ତ୍ରୀକୁ ପଥରରେ ଛେଚି ହତ୍ୟା ଘଟଣାରେ ମଙ୍ଗଳବାର ୬ ଜଣ ଙ୍କୁ ଅଟକ ରଖିଛି ପୁଲିସ । ଅଟକଙ୍କ ମଧ୍ୟରେ ମୃତ ଲାଲୀଙ୍କ ସ୍ୱାମୀ ଧର୍ମେନ୍ଦ୍ର ନାୟକ ଏବଂ ଦ୍ୱିତୀୟ ସ୍ତ୍ରୀଙ୍କ ସମେତ ଚାରି ଜଣ ବ୍ୟକ୍ତି ରହିଛନ୍ତି । ସୂଚନା ଯୋଗ୍ୟ ଯେ ପାରିବାରିକ କଳହକୁ କେନ୍ଦ୍ର କରି କଲେମା ଗ୍ରାମରେ ଶୁକ୍ରବାର ଧର୍ମେନ୍ଦ୍ର ନିଜ ପ୍ରଥମ ସ୍ତ୍ରୀଙ୍କୁ ପଥର ଛେଚି ହତ୍ୟା କରିଥିବା ମୃତା ଲାଲୀଙ୍କ ପରିବାର ବର୍ଗ ଅଭିଯୋଗ କରିଥିଲେ । ଘଟଣା ପରଠାରୁ ଧର୍ମେନ୍ଦ୍ର ଫେରାର ଥିବାବେଳେ ମଙ୍ଗଳବାର ରାୟଗଡା ଜିଲ୍ଲା ପଦ୍ମପୁର ଥାନା ଡମ୍ବସରା ଗ୍ରାମରୁ ତାକୁ ଏବଂ ତା ଦ୍ୱିତୀୟ ସ୍ତ୍ରୀ ସମେତ ୬ ଜଣକୁ କାବୁ କରି ଅଡବା ଥାନାରେ ରଖି ପଚରାଉଚରା କରୁଛି ପୁଲିସ । ଅତିଶୀଘ୍ର ହତ୍ୟା ଘଟଣା ଉପରୁ ପରଦା ଉଠିବା ସହ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଅଡବା ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ପଣ୍ଡା କହିଛନ୍ତି ।

## ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



ଫିରିଙ୍ଗିଆ,୭।୧(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ମିନି ଷ୍ଟାଡିଅମରେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ତରଫରୁ ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦଘାଟିତ ହୋଇଛି । ଏଥିରେ ମୁଖ୍ୟଅତିଥି ଭାବରେ ଶାରୀରିକ ଶିକ୍ଷା ଅଧିକାରୀ ସଞ୍ଜୟ କୁମାର ପାତ୍ର ଯୋଗ ଦେଇ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ସାଧନ କର୍ମୀ ରାଜେଶ କୁମାର ନାୟକ, ପ୍ରଧାନ ଶିକ୍ଷୟିତ୍ରୀ କୁମାରୀ ପୁନମ ଓ ଅତିରିକ୍ତ ଶିକ୍ଷା ଅଧିକାରୀ ଶିବାଜୀ କହଁର ଯୋଗ ଦେଇଥିଲେ । କ୍ରୀଡା ପ୍ରତିଯୋଗିତାର ପ୍ରଥମ ଦିନରେ ୧୦୦ ମିଟର, ୨୦୦ ମିଟର ଦୌଡ଼, ସଟପୁଟ, ଲଙ୍ଗଜମ୍ପ, ବେଙ୍ଗ ଡିଆଁ, ବାସ୍କେଟ ବଲ ଆଦି କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା । ସମସ୍ତ କ୍ରୀଡ଼ାକୁ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ବାସୁଦେବ ସାହାଣୀ ପରିଚାଳନା କରିଥିଲେ । ଏହି ପ୍ରତିଯୋଗିତା ବୁଧବାର ଉଦଯାପିତ ହେବ ।

# ଭୀମ ଭୋଇ ଭିନ୍ନକ୍ଷମ ଶିବିରରେ ବିକୃତ ଓଡ଼ିଆ

ଗୁମ୍ମା,୭ ।୧(ସମିସ)

ସାଧାରଣ ନିର୍ବାଚନରେ ଓଡ଼ିଆ ଅସ୍ମିତା ବିଷୟକୁ ନେଇ ଓଡ଼ିଶାରେ ସରକାର ପରିବର୍ତ୍ତନ ହୋଇଥିଲା । ହେଲେ ପୂର୍ବ ସରକାରଙ୍କ ଯୋଜନାର ନାମ ଓ ରଙ୍ଗ ପରିବର୍ତ୍ତନ ସହ ବିଭିନ୍ନ ସ୍ଥାନର ସୂଚନା ଫଳକ ବଦଳା ଯାଉଛି । ବର୍ତ୍ତମାନର ସରକାର ଏବଂ ବିଭାଗୀୟ ଅଧିକାରୀ ଓଡ଼ିଆ ଭାଷା ପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି । ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଗଜପତି ଜିଲ୍ଲା ଗୁମ୍ମା ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଓଡ଼ିଆ ଶବ୍ଦକୁ ବିକୃତ କରାଯାଇଥିଲେ କାହାର ଦୃଷ୍ଟି ପଡ଼ି ନ ଥିଲା ।

ସୂଚନାଯୋଗ୍ୟ ଯେ ଜରୁରୀ ସୂଚନା ଦର୍ଶାଯାଇ ଗୁମ୍ମା ବ୍ଲକର ସମସ୍ତ ଭିନ୍ନକ୍ଷମଙ୍କୁ ବିଭିନ୍ନ ଲୋକ ପ୍ରତିନିଧି ମାଧ୍ୟମରେ ପୂର୍ବସୂଚନା ଦିଆଯାଇ ଆସନ୍ତାକାଲି ଶିବିରରେ ଉପସ୍ଥିତ ନ ରହିଲେ ଭତ୍ତା ଆଉ ମିଳିବ ନାହିଁ ବୋଲି ସରକାର ନିର୍ଦ୍ଦେଶ ଦେଇଛନ୍ତି ବୋଲି ଗୁମ୍ମା ସାମାଜିକ ସୁରକ୍ଷା




ବିଭାଗ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଦର୍ଶାଇଛନ୍ତି ।ଏହି ବାର୍ତ୍ତା ପ୍ରକୃତରେ ରାଜ୍ୟ ସରକାର ପ୍ରଦାନ କରିଛନ୍ତି କି ନାହିଁ ତାହା ଅସ୍ପଷ୍ଟ ଥିବା ବେଳେ ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସାମ୍ନା ହୋର୍ଡିଂରେ ବଡ଼ ବଡ଼ ଅକ୍ଷରରେ ଗଳା ପରିବର୍ତ୍ତେର୍ ଗଡା ଲେଖାଯିବା ସହ ସୂଚନା ପତ୍ର ସ୍ୱାକ୍ଷରରେ ଗଞ୍ଜାମ ପରିବର୍ତ୍ତେ ବିକୃତ କରି ଲେଖା ହୋଇଛି । ଲେଖା ବିକୃତି ରହିଥିବା ବେଳେ ଓଡ଼ିଆ ଭାଷା ପ୍ରତି ପ୍ରଶାସନର ଦୃଷ୍ଟି ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି ।

## ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ




ପାରଳାଖେମୁଣ୍ଡି,୭।୧(ସମିସ)

ଜିଲ୍ଲା ଶ୍ରମ ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଓଡ଼ଶା କୋଠାବାଡ଼ି ଓ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ରାଶି ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଜୟ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ କରିଥିଲେ । ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନରେ ଜିଲ୍ଲାର ୪୦୬ ଜଣଙ୍କୁ ବିବାହ, ପ୍ରସୂତି, ମୃତ୍ୟୁ ଓ ଅନ୍ତିମ ସଂସ୍କାର ଭଳି ବିଭିନ୍ନ ସୁବିଧା ବଣ୍ଟନ କରାଯାଇଛି । ସେଥିମଧ୍ୟରେ ଡିବିଟି ମୋଡ ମାଧ୍ୟମରେ ହିତାଧୀକାରୀଙ୍କ ଆକାଉଣ୍ଟକୁ ୧ କୋଟି ୦୪ ଲକ୍ଷ ୯୨ ହଜାର ୬୦୦ ଶହ ଟଙ୍କା ସିଧାସଳଖ ପଠାଯାଇଛି । ମୃତ୍ୟୁକାଳୀନ ସହାୟତା ବାବଦକୁ ୫ ଲକ୍ଷ ଟଙ୍କା ଦିଆଯାଇଛି । ବିବାହ କାଳୀନ ସହାୟତା ରାଶି ବାବଦକୁ ୧୭୫ ଜଣଙ୍କୁ ୮୭ ଲକ୍ଷ ୫୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି । ସେହିପରି ପ୍ରସୂତି ସହାୟତା ବାବଦକୁ ୨୯ ଜଣଙ୍କୁ ୨ ଲକ୍ଷ ୯୦ ହଜାର ଟଙ୍କା ଓ ଶିକ୍ଷା ସହାୟତା ରାଶି ୧୪ ଲକ୍ଷ ୫୨ ହଜାର ୬୦୦ ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶ୍ରମ ଅଧିକାରୀ ଭାରତୀ ବେହେରା, ସହକାରୀ ଶ୍ରମ ଅଧିକାରୀ ମଦନ ଟୁଡୁ, ଅମିତ ନାୟକ, ସୁକାନ୍ତ ପଣ୍ଡା ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇଙ୍କ ସମେତ ଶ୍ରମ ବିଭାଗୀୟ କର୍ମଚାରୀ ଓ ନିର୍ମାଣ ଶ୍ରମିକ ଉପସ୍ଥିତ ଥିଲେ ।

## ପୁତୁରା ମାଡ଼ରେ ବଡ଼ବାପାର ମୃତ୍ୟୁ

ଫିରିଙ୍ଗିଆ,୭।୧(ସମିସ): ପୁତୁରାର ମାଡ଼ରେ ବୃଦ୍ଧ ବଡବାପାର ମୃତ୍ୟୁ ଘଟିଛି । ଏମିତି ଅଭାବନୀୟ ଘଟଣା ଫିରିଙ୍ଗିଆ ଥାନା ଡ଼ିମିରିଗୁଡା ପଞ୍ଚାୟତ ମେଲୁପଡା ଗାଁରେ ଘଟିଛି । ମୃତକ ଜଣକ ମେଲୁପଡା ଗାଁର ଗୁନୀ କହଁର(୬୫) । ଅଭିଯୁକ୍ତ ପୁତୁରାକୁ ପୁଲିସ ଥାନାରେ ଅଟକ ରଖି ପଚରା ଉଚରା କରୁଛି । ସୂଚନା ଅନୁସାରେ ସୋମବାର ଅପରାହ୍ନ ପ୍ରାୟ ୩ ଟା ସମୟରେ ମୃତ ଗୁନୀ କହଁର ଓ ପୁତୁରା ନରେଶ କହଁରଙ୍କ ମାଧରେ କୌଣସି କାରଣକୁ ନେଇ ବଚସା ହୋଇଥିଲା । ଏହି ସମୟରେ ଗୁନୀ କହଁରଙ୍କୁ ନରେଶ କହଁର ମାଡ଼ ମାରିଥିଲେ । ମାଡରେ ଗୁନୀ କହଁର ଗୁରୁତର ଆହତ ହୋଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ଚିକିତ୍ସା ପାଇଁ ଫିରିଙ୍ଗିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଘଟଣା ସମ୍ପର୍କରେ ଖବର ପାଇ ଫିରିଙ୍ଗିଆ ଥାନା ଏସଆଇ ଦୀପକ କୁମାର ରାଉତଙ୍କ ସହ ଏକ ଟିମ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ପରେ ପରିବାର ପକ୍ଷରୁ ବୃଦ୍ଧଙ୍କୁ ହତ୍ୟା କରାଯାଇଥିବା ନେଇ ଲିଖିତ ଏତଲା ଦେବାପରେ ପୁଲିସ ଘଟଣାକୁ ନେଇ ଏକ ହତ୍ୟା ମାମଲା ରୁଜୁ କରିବା ସହ ପୁତୁରାକୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି । ପୁଲିସ ମୃତଦେହ ଜବତ କରି ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଘଟଣାର ତଦନ୍ତକାରୀ ପୁଲିସ ଅଧିକାରୀ ଦୀପକ କୁମାର ରାଉତ ସୂଚନା ଦେଇଛନ୍ତି ।

## ନୂଆ ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା



ଦାରିଙ୍ଗବାଡ଼ି,୭।୧(ସମିସ): ନୂତନ ଥାନା ଅଧିକାରୀ କନକ କୁମାର ମାଝୀଙ୍କୁ ଦାରିଙ୍ଗବାଡ଼ି ବ୍ଲକ କଂଗ୍ରେସ କର୍ମକର୍ତ୍ତା ସ୍ୱଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି । ଏହି ଅବସରରେ ବ୍ଲକ ଯୁବ କଂଗ୍ରେସ ନେତା ଏନସ କୁମାର ପ୍ରଧାନଙ୍କ ସମେତ ବ୍ଲକ କଂଗ୍ରେସ ଆବାହକ ପ୍ରମୋଦ ଦିଗାଲ, ବରିଷ୍ଠ କଂଗ୍ରେସ କର୍ମୀ ବିଦ୍ୟାଧର ମଲ୍ଲିକ, ରଞ୍ଜନ ନାୟକ, ଅମନ ନାୟକ, ଅମିତ ନାୟକଙ୍କ ସମେତ ଅନ୍ୟ ମାନେ ଉପସ୍ଥିତ ଥିଲେ ।

## କଂଗ୍ରେସକୁ ମଜଭୁତ କରିବା ସମ୍ପର୍କରେ ଆଲୋଚନା



ଦାରିଙ୍ଗବାଡ଼ି,୭।୧(ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ କଂଗ୍ରେସରର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଆଗାମୀ ତ୍ରୀସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବ୍ଲକରେ କଂଗ୍ରେସକୁ ଅଧିକ ମଜଭୁତ କରିବା ନେଇ ଆଲୋଚନା କରାଯାଇଥିଲା । ଯୁବନେତା ଏନସ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ପୂର୍ବତନ ସମିତି ଅଧ୍ୟକ୍ଷ ଯୁନସ ପ୍ରଧାନ, ପୂର୍ବତନ ସମିତିସଭ୍ୟ ସୂର୍ଯ୍ୟ ପ୍ରଧାନ, ପୂର୍ବତନ ସରପଞ୍ଚ ସୁନାରସିଂ ମୁଠାମାଝୀ, ବରିଷ୍ଠ ନେତା ଧର୍ମେନ୍ଦ୍ର ପ୍ରଧାନ, ସିମନ୍ ବାଡ଼ି ପଞ୍ଚାୟତ ସଭାପତି ଆଶିଷ ପ୍ରଧାନ, ଶ୍ରାନିକେତା ଲାଇସା ପ୍ରଧାନ, ତିଲୋରୀ ଲବ ପ୍ରଧାନ, ପର୍ଡ୍ଡମାହା ଦନ୍ତ୍ରୀ ପ୍ରଧାନ, ଗୁମିକିଆ ନାଡେଶ୍ୱର ପ୍ରଧାନ, ସିଆଙ୍ଗବାଲି ତେର ପ୍ରଧାନ, ଅମନ ନାୟକ, ରଞ୍ଜନ ସିଂ, ବରିଷ୍ଠ କଂଗ୍ରେସ କର୍ମୀ ମିନୁରା ପ୍ରଧାନ, ବରିଷ୍ଠ ଉପଦେଷ୍ଟା ବିଦ୍ୟାଧର ମଲ୍ଲିକ ଓ ଜ୍ୟୋତି ନାୟକଙ୍କ ସହିତ ଶତାଧିକ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ । ଅନ୍ୟ ଦଳର ନେତା ଧର୍ମେନ୍ଦ୍ର ପ୍ରଧାନ କଂଗ୍ରେସ ରେ ଏହି ଅବସରରେ ସାମିଲ ହୋଇଥିଲେ ।ତାଙ୍କ ସହିତ ସୂର୍ଯ୍ୟ ପ୍ରଧାନ ଏବଂ ସୁନାରସିଂ ମୁଠାମାଝୀ ମଧ୍ୟ କଂଗ୍ରେସ ଦଳ ରେ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମ କୁ କଂଗ୍ରେସର ବ୍ଲକ ଆବାହକ ପ୍ରମୋଦ ଦିଗାଲ ପରିଚାଳନା କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରବାସୀ ଭାରତୀୟ ଦିବସ ଓ ସଡ଼କ ସୁରକ୍ଷା ସପ୍ତାହ

ଜି.ଉଦୟଗିରି,୭।୧(ସମିସ): ନିକଟସ୍ଥ ବନଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରବାସୀ ଭାରତୀୟ ଦିବସ ସହିତ ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ସାରା ରାଜ୍ୟରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହେଉଥିବା ବେଳେ ଏହି କ୍ରମରେ ବନଶ୍ରୀ ବିଦ୍ୟାଳୟରେ ଏହା ପାଳିତ ହୋଇଥିଲା । ପ୍ରଧାନ ଶିକ୍ଷୟତ୍ରୀ ବିଦ୍ୟୁତ ପ୍ରଭା ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଦୁର୍ଘଟଣାକୁ ରୋକିବା ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା କରିବା ପାଇଁ ଶୋଭାଯାତ୍ରା ସହିତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସେହିଭଳି ଭାବେ ପ୍ରବାସୀ ଭାରତୀୟ ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଯେପରି ଚିତ୍ରାଙ୍କନ, ବକ୍ତୃତା, ରଚନା ଲିଖନ ଆଦି ପ୍ରତିଯୋଗିତା ହୋଇଥିଲା । ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ମନୋନୀତ କରାଯାଇଥିଲା ।ଶିକ୍ଷକ ଜିତେନ୍ଦ୍ର କୁମାର ସାମଲଙ୍କ ସହିତ ଶିକ୍ଷୟିତ୍ରୀ ସ୍ୱପ୍ନାରାଣୀ ଗୌଡ ଓ ମମତା ଆଲୁକ ପରିଚାଳନା କରିଥିଲେ ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ଫିରିଙ୍ଗିଆ,୭।୧(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆରେ ଥିବା ପଞ୍ଚାୟତ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସଭାଗୃହରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଛି । କାର୍ଯ୍ୟକ୍ରମ ଅଧିକାରୀ ଲକ୍ଷ୍ମୀକାନ୍ତ ସାହୁଙ୍କ ପରିଚାଳନା ଓ ବିଦ୍ୟାଳୟର ଅଧ୍ୟକ୍ଷ ଡ.ଚିତ୍ତରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫିରିଙ୍ଗିଆ ତହସିଲଦାର ଅନାମିକା ପାଣ୍ଡେ ମୁଖ୍ୟଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ବର୍ତ୍ତମାନ ସମୟରେ ଛାତ୍ରୀଙ୍କ ପାଇଁ ଆତ୍ମସୁରକ୍ଷା କୌଶଳ କେତେ ଜରୁରୀ ସେ ବିଷୟରେ ବକ୍ତବ୍ୟ ରଖି ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ପୃଥ୍ୱୀରାଜ ମହାନନ୍ଦିଆ ଓ ଅଭିନାଶ ମିଶ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଅ। ।ରକ୍ଷା ତାଲିମର ଉପକାରିତା ବିଷୟରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ଅଧ୍ୟାପକ ଡମ୍ବରୁଧର ସାହୁ, ଜୀବନ୍ତ କୁମାର ନାଏକ ଓ ପ୍ରଭାତୀ ପାତ୍ରଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ ।

## ରଟିଙ୍ଗିଆରେ ସଡ଼କ ସୁରକ୍ଷା ସଚେତନତା

ଜି.ଉଦୟଗିରି,୭।୧(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ, ରଟିଙ୍ଗିଆ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚତୁର୍ଭୁଜ ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ମଙ୍ଗଳବାର ବିଭିନ୍ନ ଗାଁରେ ସଡ଼କ ସୁରକ୍ଷା ସଚେତନ କରାଯାଇଥିଲା । ଅଧିକାଂଶ ସମୟରେ ମଟର ଗାଡ଼ି ଚାଳନା ବେଳେ ହେଲମେଟ ନପିନ୍ଧିବା, ନିୟମକୁ ଅମାନ୍ୟ କରିବା, ମଦ ପିଇ ଗାଡ଼ି ଚଳାଇବା ଏବଂ କମ୍ ବୟସର ପିଲା ମଟର ଗାଡି ଚଳାଉଥିବାରୁ ଦୁର୍ଘଟଣାର ଶିକାର ହେଉଥିବା ପରିଲକ୍ଷିତ ହେଉଛି ।




ଏହାକୁ ଦୃଷ୍ଟିରେ ରଖି ବିଦ୍ୟାଳୟର ଛାତ୍ରଛାତ୍ରୀ ସଚେତନତା ସ୍ଲୋଗାନ ମାଧ୍ୟମରେ ଆର୍. ପଡ଼ିକିଆ, ଧାଙ୍ଗାଡ଼ାମାହା, ରଟିଙ୍ଗିଆ, ଝିମାଙ୍ଗିଆ ଏବଂ ଡକେଡି ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲେ । କାର୍ଯ୍ୟକ୍ରମରେ ସରପଞ୍ଚ ବିଷ୍ଣୁଦେବ ପ୍ରଧାନ, ଓ ମୋ ସ୍କୁଲ ଅଭିଯାନ ସଭାପତି ହୃଷୀକେଶ ପ୍ରଧାନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ଶିକ୍ଷକ ସନ୍ତୋଷ କୁମାର ପୃଷ୍ଟି ପରିଚାଳନା କରିଥିଲେ ।

# ଦୀର୍ଘଦିନର ପ୍ରତୀକ୍ଷାରେ ଅନ୍ତ; ଖୋଲିଲା ଧାନମଣ୍ଡି

ପାରଳାଖେମୁଣ୍ଡି,୭।୧(ସମିସ)



ଗଜପତି ଜିଲ୍ଲାର ଚାଷୀଙ୍କ ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିଛି । ଚଳିତ ଖରିଫ ଚାଷରେ ଚାଷୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ଜିଲ୍ଲାରେ ବିଳମ୍ବରେ ଖୋଲିଛି ଧାନମଣ୍ଡି । ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିର ନିୟନ୍ତ୍ରିତ ବଜାର କମିଟିରେ ଜିଲ୍ଲାସ୍ତରୀୟ ଖରିଫ ଧାନମଣ୍ଡିକୁ ଜିଲ୍ଲାପାଳ ବିଜୟ କୁମାର ଦାଶ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉଦଘାଟନ କରିଥିଲେ । ଉଦଘାଟନ କାର୍ଯ୍ୟକ୍ରମରେ ଚାଷୀଙ୍କ ବିଭିନ୍ନ ପ୍ରଶ୍ନବାଣର ସମ୍ମୁଖୀନ ହୋଇଥିଲେ ବିଭାଗୀୟ କର୍ତ୍ତୃପକ୍ଷ । ଏପରିକି କିଛି ସମୟ ପାଇଁ ଚାଷୀ ମଞ୍ଚ ପାଖକୁ ଯାଇ ସମସ୍ୟା ସମ୍ପର୍କରେ କହିଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଚାଷୀଙ୍କୁ ଅଖା ମିଳି ନ ଥିବା, ପଞ୍ଜୀକୃତ ସମସ୍ତ ଚାଷୀଙ୍କୁ ଟୋକେନ୍ ପ୍ରଦାନ କରାଯାଇ ନ ଥିବା, ବିଳମ୍ବରେ ଧାନ ମଣ୍ଡି ଖୋଲିଥିବା ଆଦିକୁ ନେଇ କିଛି ସମୟ ପାଇଁ ହୋ ହଲ୍ଲା ହୋଇଥିଲା । ବ୍ରହ୍ମପୁର ସାଂସଦଙ୍କୁ ନିମନ୍ତ୍ରଣ ନ କରିବା ଭଳି ଅଭିଯୋଗ ମଧ୍ୟ ହୋଇଥିଲା । ଚାଷୀଙ୍କ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ନ ଦେଇ ବିଭାଗୀୟ କର୍ତ୍ତୃପକ୍ଷ ଚୁପ ରହିଥିଲେ । ବିଭାଗ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁଁ ଚାଷୀ ନାନାଦି ସମସ୍ୟାର ସମ୍ମୁଖୀନ ହେଉଥିବାକୁ ନେଇ ସଭାସ୍ଥଳରେ ଅସନ୍ତୋଷ ପ୍ରକାଶ ପାଇଥିଲା ।

ଉଦଘାଟନ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରା, ସମବାୟ ସମିତି ସହକାରୀ ନିବନ୍ଧକ ହରିହର ସେଠଙ୍କ ସମେତ ଗଜପତି ଜିଲ୍ଲା କୃଷକ ସଙ୍ଘ ସଭାପତି ସୂର୍ଯ୍ୟ ନାରାୟଣ ପଟ୍ଟନାୟକ ମଞ୍ଚାସୀନ ଥିଲେ । ଆରଏମସି ସମ୍ପାଦକ ରେବତୀ ମୋହନ ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଓ ଜିଲ୍ଲା ପ୍ରଶାସନର ନିଷ୍ପତ୍ତି କ୍ରମେ ଚଳିତ ଖରିଫ ବର୍ଷରେ ଜିଲ୍ଲାର ୪୫ମଣ୍ଡି ଖୋଲାଯାଇଛି ଓ ଅମଳ ଧାନ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଦରରେ ନିକଟସ୍ଥ ପ୍ରାଥମିକ କୃଷି ସମବାୟ ସମିତି, ବୃହତକାର କୃଷି ସମବାୟ କେନ୍ଦ୍ରରେ ଆଜି ଠାରୁ ଧାନ କ୍ରୟ କରିବା ପାଇଁ ବ୍ୟବସ୍ଥା ରହିଛି । ଆସନ୍ତା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଜିଲ୍ଲାରେ ଧାନ କ୍ରୟ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି ।

ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୫ ଲକ୍ଷ ୮୪ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ କରିବା ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଧାନ କ୍ରୟ କରିବା ପାଇଁ ଜିଲ୍ଲାରେ ୧୫ ହଜାର ୪୯୧ ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି । ଧାନ କ୍ରୟ କରିସାରିଲା ପରେ ସିଧା ଚାଷୀ ବ୍ୟାଙ୍କ ଖାତାରେ କ୍ରୟରାଶି ଜମା କରାଯିବ । ଧାନ କ୍ରୟ ସମୟରେ ବିଭାଗର ସମସ୍ତ କର୍ମଚାରୀ ସଚେତନତା ରହି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଚଳିତ ୨୦୨୪-୨୫ ଖରିଫ୍ ବର୍ଷ ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦/ଟଙ୍କା ଧାର୍ଯ୍ୟ ରଖାଯାଇଛି । ଯଦି କୌଣସି ଚାଷୀ ଆପତ୍ତି ଅଭିଯୋଗ କରିବାକୁ ଚାହାନ୍ତି ତାହା ହେଲେ୧୯୬୭ ନମ୍ବରକୁ ଯୋଗାଯୋଗ କରି ସଂପୂର୍ଣ୍ଣ ସହାୟତା ରାଶି ପାଇପାରିବେ ବୋଲି ଜିଲ୍ଲାପାଳ କହିଛନ୍ତି । କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକ ଚାଷୀ ଭାଇ ଓ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ମହିଳା କଲେଜରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ



ଜି.ଉଦୟଗିରି,୭।୧(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରିସ୍ଥିତ ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ୮ ଦିନିଆ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଛି । ଅନୁଷ୍ଠାନର ଅଧ୍ୟକ୍ଷ ଶିବରାମ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ତହସିଲଦାର ରଞ୍ଜନ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ନେବା ପରେ ନିଜ ସୁରକ୍ଷା ନେବା ସହ ବିପଦ ରେ ପଡିଥିବା ମହିଳାଙ୍କୁ ସୁରକ୍ଷା ଦେବା ପାଇଁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ଶିଶିର ପଟ୍ଟନାୟକ, ପୁଲିସ ଅଧିକାରୀ ରମେଶ ଚନ୍ଦ୍ର ସାହୁ, ଅଧ୍ୟାପିକା ଡ଼.ବବିତା ରାଣୀ ପଟ୍ଟନାୟକ ଓ ଅଧ୍ୟାପିକା ମିନତୀ ଦାଶ, ଅଧ୍ୟାପିକା ସୁଧାରଣୀ ପାତ୍ର ଛାତ୍ରୀଙ୍କୁ ଆତ୍ମସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ । ନୋଡାଲ ଅଫିସର ଅଧ୍ୟାପିକା ସସ୍ମିତା ଦାଶ ଛାତ୍ରୀଙ୍କୁ ଶପଥ ପାଠ କରାଇବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ମାଷ୍ଟର ଟ୍ରେନର ମାନସୀ ପ୍ରଧାନ ଓ ଅନିତା ନାୟକ ଛାତ୍ରୀଙ୍କୁ ବିଭିନ୍ନ ଆତ୍ମ ସୁରକ୍ଷା କୌଶଳ ଶିଖାଇଥିଲେ । ଶିବିର ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଜଣାପଡିଛି ।

## ଫେବୃଆରୀ ପ୍ରଥମ ସପ୍ତାହରେ 'ବ୍ରହ୍ମପୁର ମହୋତ୍ସବ-୨୫'

ବ୍ରହ୍ମପୁର,୭ ।୧(ସମିସ): ରାଜ୍ୟର ଅନ୍ୟତମ ପ୍ରମୁଖ ସାଂସ୍କୃତିକ ମହୋତ୍ସବ ବ୍ରହ୍ମପୁର ମହୋତ୍ସବ-୨୫ ଆସନ୍ତା ଫେବୃଆରୀ ପ୍ରଥମ ସପ୍ତାହରେ ଆୟୋଜିତ ହେବାକୁ ନିଷ୍ପତ୍ତି ହୋଇଛି। ପୂର୍ବରୁ ଏହି ମହୋତ୍ସବ ଜାନୁଆରୀରେ କରାଯିବା ନେଇ ଯଦିଓ ଘୋଷଣା କରାଯାଇଥିଲା ତେବେ କିଛି ଅନିର୍ବାଜ୍ୟ କାରଣରୁ ତାହା ଘୁଞ୍ଚାଇ ଦିଆଯାଇଥିବା ଆୟୋଜକ ତଥା ମହାନ ସଂଘର ସଭାପତି ସୁଶାନ୍ତ କୁମାର ସାବତ ସୂଚନା ଦେଇଛନ୍ତି। ଏହି ମହୋତ୍ସବ ଫେବୃଆରୀ ପହିଲାରୁ ୬ତାରିଖ ପର୍ଯ୍ୟନ୍ତ ଦୀର୍ଘ ୬ଦିନ ଧରି ସ୍ଥାନୀୟ ଉମାଚରଣ ପଟ୍ଟନାୟକ ଇଂଜିନିୟରିଂ ସ୍କୁଲ ଖେଳପଡିଆରେ ମହାସମାରୋହରେ ଅନୁଷ୍ଠିତ ହେବ। ମହୋତ୍ସବର ପ୍ରତ୍ୟେକ ସନ୍ଧ୍ୟାରେ ଆୟୋଜିତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥାନୀୟ ଏବଂ ରାଜ୍ୟ ସଂସ୍କୃତି ବିଭାଗ ଦ୍ୱାରା ପ୍ରେରିତ ସମ୍ବଲପୁରୀ, ଧେମସା, ଗୋଟିପୁଅ, ଛଉନୃତ୍ୟ ସମେତ ବିଭିନ୍ନ ଲୋକନୃତ୍ୟ ଆୟୋଜିତ ହେବ। ପ୍ରତିଦିନ ସନ୍ଧ୍ୟାରେ ଦକ୍ଷିଣଓଡିଶାର ସାମୁହିକ ବିକାଶ ତଥା ପର୍ଯ୍ୟଟନ, ସାଂସ୍କୃତିକ ଓ ସ୍ୱାସ୍ଥ୍ୟ ଉପରେ ପର୍ଯ୍ୟବେଶିତ ପ୍ରସଙ୍ଗ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହେବ। ଏହି ଅବସରରେ ମହାନ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ ପାତ୍ର, ମହୋତ୍ସବ ସମ୍ପାଦକ ଗୋପାଳ ପଟ୍ଟନାୟକ, ପ୍ରକାଶ ଭାଯାନୀ, ବଳରାମ ପଣ୍ଡା, ସୁଚେତା ପାଣିଗ୍ରାହୀ, ତପନ ପଣ୍ଡା, ହରିକୃଷ୍ଣ ମିଶ୍ର, ଆଦିତ୍ୟ ନାରାୟଣ ରଥ, ସାଧନା ପାଢୀ, ପୁଷ୍ପଲତା ପାଣିଗ୍ରହୀ, ସାବନା ଦାସ, ନିବେଦିତା ପାଢୀ, ଲୋପା ସାମଲ, ବନ୍ଦିତା ତ୍ରିପାଠୀ, ନାରାୟଣ ମହାଙ୍କୁଡ, ଅନୀଲ ପାତ୍ର, ତପନ ମହାପାତ୍ର ଓ ସୁଦୀପ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ମୁଖ୍ୟମନ୍ତ୍ରୀ ଫୁଟ୍‌ବଲ କପ୍ ପାଇଁ ଖେଳାଳି ଚୟନ ଶିବିର ୯ରେ

ବ୍ରହ୍ମପୁର,୭ ।୧(ସମିସ): ଓଡ଼ିଶା ଫୁଟବଲ ଆସୋସିଏସନ ପକ୍ଷରୁ 'ମୁଖ୍ୟମନ୍ତ୍ରୀ ଫୁଟବଲ କପ୍-୨୦୨୫' ଆୟୋଜିତ ହେବାକୁ ଯାଉଛି। ଏଥିପାଇଁ ପ୍ରତି ଜିଲ୍ଲାରୁ ଖେଳାଳୀ ଚୟନ କରାଯାଇ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯିବ। ଏହି ରାଜ୍ୟସ୍ତରୀୟ ଫୁଟବଲ କପ୍ ଟୁର୍ଣ୍ଣାମେଣ୍ଟରେ ଗଞ୍ଜାମ ଜିଲ୍ଲାରୁ ପ୍ରତିନିଧିତ୍ୱ କରିବା ପାଇଁ ଖେଳାଳି ଚୟନ କରାଯିବ। ଆସନ୍ତା ୯ତାରିଖ ଗୁରୁବାର ଦିନ ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ଖେଳାଳୀ ଚୟନ ଶିବିର ଅନୁଷ୍ଠିତ ହେବ।

ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘ ଅଧିନରେ ଥିବା ଜିଲ୍ଲା ଫୁଟବଲ ସଂଘ ଆନୁକୂଲ୍ୟରେ ଏହି ଚୟନ ଶିବିରର ଆୟୋଜନ କରାଯାଉଛି। ଏଥିପାଇଁ ଗଞ୍ଜାମ ଜିଲ୍ଲାର ଖେଳାଳୀ ଯେଉଁମାନଙ୍କର ଜନ୍ମ ୨୦୧୦ ଜାନୁଆରୀ ପହିଲା ଠାରୁ ୨୦୧୩ ଡିସେମ୍ବର ୩୧ ମଧ୍ୟରେ ହୋଇଥିବା ଅର୍ଥାତ୍ ୧୫ବର୍ଷରୁ କମ୍ ବୟସ୍କ ଖେଳାଳି ଏହି ପ୍ରତିଯୋଗିତା ପାଇଁ ଚୟନ ଶିବିରରେ ଯୋଗ ଦେଇପାରିବେ। ଇଚ୍ଛୁକ ଫୁଟବଲ ଖେଳାଳୀମାନେ ଆସନ୍ତା ୯ତାରିଖ ନିର୍ଦ୍ଧାରିତ ସକାଳ ୭ଟାରେ ନିଜନିଜର ଆଧାର କାର୍ଡ, ଜନ୍ମ ପ୍ରମାଣପତ୍ର ଓ ଦୁଇଟି ଫଟୋ କପି ସହିତ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ଉପସ୍ଥିତ ରହିବାକୁ ଗଞ୍ଜାମ ଜିଲ୍ଲା କ୍ରୀଡାସଂଘର ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ଅନୁରୋଧ କରିଛନ୍ତି।

# ମଶାଙ୍କ ଦାଉ: ଅସ୍ତବ୍ୟସ୍ତ ସହରବାସୀ

ବ୍ରହ୍ମପୁର,୭ ।୧(ସମିସ)

ବଢ଼ିଲାଣି ମଶାଙ୍କ ବଂଶ ଓ ଉତ୍ପାତ। ହାତଟେକି ବସିଛନ୍ତି ବିଇଏମସି କର୍ତ୍ତୃପକ୍ଷ। ଯାହାକୁ ନେଇ ଗତ କର୍ପୋରେସନ ବୈଠକରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା। ଆଉ କର୍ପୋରେଟର ସୁରେନ୍ଦ୍ର ମହାରଣା ହାତଯୋଡି ତୁରନ୍ତ ବିହିତ ପଦକ୍ଷେପ ନେବାକୁ ସଭା ମଧ୍ୟରେ କର୍ତ୍ତୃପକ୍ଷଙ୍କୁ ନିବେଦନ କରିବା ଥିଲା ଚର୍ଚ୍ଚାର ବିଷୟ। ତାହା ପରେ ଯଦିଓ ମେୟର ଓ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ସହରର ବିଭିନ୍ନ ସାହିରେ ପର୍ଯ୍ୟାୟ କ୍ରମେ 'ଟିଫା' ମେସିନ ବୁଲି ମଶା ଧୂଆଁ ଛାଡିବାର ବ୍ୟବସ୍ଥା କରାଯାଇଛି ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ୪୨ଟି ୱାର୍ଡ ବିଶିଷ୍ଟ ବିଇଏମସିରେ ରହିଛି ମାତ୍ର ଗୋଟିଏ 'ଟିଫା' ମେସିନ। ଯାହା ବହୁ ପୁରୁଣା ମଧ୍ୟ। ଏକମାତ୍ର ଟିଫା ମେସିନ ଜରିଆରେ ପ୍ରତ୍ୟହ ପୂର୍ବାହ୍ନ ଓ ଅପରାହ୍ନରେ ଦୁଇଥର ଦୁଇଟି ୱାର୍ଡରେ ମଶାଧୂଆଁ ଛଡାଯାଉଛି।

- ଧୂଆଁକୁ ଖାତିର କରୁନାହାନ୍ତି ମଶା; ଚିନ୍ତାରେ ବିଇଏମ୍‌ସି
- ହେଉନି ବ୍ରୁଶ କଟିଂ, ନାଳରେ ପଡୁନି ତେଲ
- ଆସିବ ଦ୍ୱିତୀୟ 'ଟିଫା' ମେସିନ: ବିଇଏମ୍‌ସି

ଗତ କିଛିଦିନ ଧରି ସହରରେ ଚାଲିଥିବା ଏହି ପ୍ରଥମ ପର୍ଯ୍ୟାୟ ଅଭିଯାନ ଶେଷ ପର୍ଯ୍ୟାୟରେ ପହଁଞ୍ଚିଛି। ତେବେ ଏହାର କିଛି ପ୍ରଭାବ ପଡୁଥିବା ପରିଲକ୍ଷିତ ହେଉନାହିଁ। ସହରବାସୀଙ୍କ କହିବା କଥା ବିଇଏମସିର ମଶାଧୂଆଁକୁ ଖାତିର ମଧ୍ୟ କରୁନାହାନ୍ତି ମଶା। ସେପଟେ ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ଅଧିନରେ ଥିବା ମ୍ୟାଲେରିଆ ତଥା ଲାର୍ଭା ଜନିତ ସଂକ୍ରମଣ ରୋଗର ନିରାକରଣ ପାଇଁ ସହରର ବିଭିନ୍ନ ନାଳ ନର୍ଦ୍ଦମାରେ ନିୟମିତ



ସିଞ୍ଚନ କରାଯାଉଥିବା ତେଲ ମଧ୍ୟ ପଡୁନଥିବା ଅଭିଯୋଗ ହୋଇଛି। ଯଦ୍ଵାରା ଦିନକୁ ଦିନ ମଶାଙ୍କ ବଂଶ ବୃଦ୍ଧି ହେବାରେ ଲାଗିଛି। ସହରରେ ବୃଦ୍ଧି ପାଇଥିବା ମଶାଙ୍କ ପ୍ରଦୂର୍ଭାବରେ ଅତିଷ୍ଠ ହେଲେଣି ସହରବାସୀ। ଯାହାକୁ ନେଇ ଜନ ଅସନ୍ତୋଷ ମଧ୍ୟ ବଢିବାରେ ଲାଗିଛି। ଏନେଇ ବିଇଏମସିର ପରିମଳ ଦାୟିତ୍ୱରେ ଥିବା ଡେପୁଟି କମିଶନର ଆଶିର୍ବାଦ ପରିଡାଙ୍କର କହିବା କଥା, କର୍ପୋରେସନ ବୈଠକର ନିଷ୍ପତ୍ତି ପ୍ରକାରେ ଟିଫା ମେସିନକୁ ଦୈନିକ ଦୁଇଟି ପର୍ଯ୍ୟାୟରେ ଦୁଇଟି ୱାର୍ଡରେ ବୁଲାଯାଉଛି। ସମଗ୍ର ସହରର ୪୨ଟି ୱାର୍ଡ ପାଇଁ ଗୋଟିଏ ମେସିନ ପର୍ଯ୍ୟାପ୍ତ ନୁହେଁ। ଯାହାକୁ ଦୃଷ୍ଟିରେ ରଖି ଗତ କର୍ପୋରେସନ ବୈଠକର ନିଷ୍ପତ୍ତି ପ୍ରକାରେ ଆଉ ଗୋଟିଏ ନୂଆ ଟିଫା ମେସିନ ଖୁବ୍‌ଶୀଘ୍ର କ୍ରୟ କରାଯିବ। ଯାହାଫଳରେ ଦୈନିକ ୪ଟି ୱାର୍ଡକୁ ଦୁଇଟି ମେସିନ ଜରିଆରେ ଦୈନିକ ପୂରା କରାଯାଇପାରିବ। ତେବେ ବ୍ରୁଶ କଟିଂ ବା ନାଳ ଓ ରାସ୍ତା କଡରେ ବଢୁଥିବା ଗଛବୁଦା ଗୁଡିକୁ କାଟିବା କାର୍ଯ୍ୟ ନିୟମିତ କରାଯିବା ଉପରେ ଗୁରୁତ୍ୱ ଦେବାକୁ ସେ ତୁରନ୍ତ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ସେହିଭଳି ନାଳରେ ଜମି ରହୁଥିବା ପାଣିରେ ମଶାଙ୍କ ବଂଶ ବୃଦ୍ଧିକୁ ରୋକିବା ପାଇଁ କର୍ମଚାରୀଙ୍କ ଷଗାର ଅଭାବ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରୁ ଜଣାପଡିଛି। ଏଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ।

## ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଚୋର ଗ୍ୟାଙ୍ଗର ଦୌରାତ୍ମ୍ୟ

# ଗୋଟିଏ ସପ୍ତାହରେ ୧୧ ଚୋରି, ଲୁଟ୍

ବ୍ରହ୍ମପୁର,୭ ।୧(ସମିସ): ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଚୋରଙ୍କ ଦୌରାତ୍ମ୍ୟ ବଢିବାରେ ଲାଗିଛି। ଜାନୁଆରୀ ପହିଲାରୁ ୬ତାରିଖ ମଧ୍ୟରେ ବୈଦ୍ୟନାଥପୁର ଥାନା ଇଲାକାରେ ମୋଟ ୧୪ଟି ମାମଲା ରୁଜୁ ହୋଇଛି। ସେଥିରୁ ୧୧ଟି ଚୋରି, ଲୁଟ୍ ଓ ଲୁଟ୍ ଉଦ୍ୟମ ଭଳି ମାମଲା ରହିଛି। ୫ଟି ସ୍ଥାନରେ ତାଲା ଭାଙ୍ଗି ଚୋରି ଓ ଉଦ୍ୟମ ହୋଇଥିବା ବେଳେ ୩ଟି ସ୍ଥାନରୁ ମୋଟର ସାଇକେଲ ଚୋରି ହୋଇଛି। ଅନ୍ୟ ଏକ ସ୍ଥାନରେ ମହିଳାଙ୍କ ବେକରୁ ସୁନାଚେନ ଲୁଟ୍ ହୋଇଥିବା ବେଳେ ମେଡିକାଲ ମୁଖ୍ୟଫାଟକ ନିକଟରୁ ଡାକ୍ତରୀ ଛାତ୍ରୀଙ୍କ ଠାରୁ ଲୁଟ୍ ଉଦ୍ୟମ ହୋଇଛି। ସୂଚନା ପ୍ରକାରେ, ଗୋଇଲୁଣ୍ଡି ଫ୍ରେଣ୍ଡସ କଲୋନୀ ନିବାସୀ ଜି. ଜ୍ୟୋତି ପାତ୍ର(୩୬) ନାମକ ଜଣେ ମହିଳାଙ୍କ ବେକରୁ ସୁନାଚେନ ଲୁଟ୍ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଜ୍ୟୋତି ସୋମବାର ପୂର୍ବାହ୍ନରେ ଡ୍ୟୁଟି ସାରି ଘରକୁ ଫେରୁଥିବା ବେଳେ ଦୁଇଜଣ ଦୁର୍ବୃତ୍ତ ଗୋଟିଏ ବାଇକରେ ଆସି ତାଙ୍କ ବେକରୁ ୨୦ଗ୍ରାମ ଓଜନର ସୁନାଚେନକୁ ଝାମ୍ପି ନେଇ ଯାଇଥିଲେ। ସେ ଚୋରଙ୍କୁ ଧରିବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ। ପରେ ନିରାଶ ହୋଇ ଘଟଣା ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେହିପରି ଗୋଇଲୁଣ୍ଡି ନିବାସୀ ଜି. ସତ୍ୟନାରାୟଣ ପାତ୍ର(୩୬) ଗତ ୫ତାରିଖ ରାତି ପ୍ରାୟ ୯ଟା ସମୟରେ

- ସୋମବାର ମହିଳାଙ୍କ ବେକରୁ ସୁନାଚେନ ଲୁଟ୍
- ଲୋକଙ୍କ ଚିନ୍ତା ସହିତ ବଢ଼ିଛି ପୁଲିସର ମୁଣ୍ଡବ୍ୟଥା

ସ୍ଥାନୀୟ ରାମନଗର ମୁଖ୍ୟ ଗଳିରେ ଥିବା ଜଳଖିଆ ଦୋକାନକୁ ଯାଇଥିଲେ। ସେ ଜଳଖିଆ ଖାଉଥିବା ବେଳେ କୌଣସି ଏକ ଦୁର୍ବୃତ୍ତ ତାଙ୍କ ମୋବାଇଲ ଝାମ୍ପି ନେଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ସେହିଭଳି ଲାଞ୍ଜିପଲ୍ଲୀ ଅଞ୍ଚଳର ମଧୁସୂଦନ କାର୍ଜ୍ଜି ୬'ତାରିଖ ସକାଳେ ସ୍ଥାନୀୟ କାଞ୍ଜିଆମ୍ମା ମନ୍ଦିରକୁ ଯାଇଥିଲେ। ସେଠାରେ ନିଜର ପଲସର ବାଇକଟଇକୁ ବାହାରେ ରଖି ମନ୍ଦିରକୁ ଯାଇଥିଲେ। ଫେରିବା ବେଳେ ତାଙ୍କର ମୋଟର ସାଇକେଲଟି ଉଭାନ ହୋଇଯାଇଥିଲା। ବହୁ ଖୋଜାଖୋଜି କରିବା ପରେ ନିରାଶ ହୋଇ ତାଙ୍କର ଗାଡ଼ି ଚୋରି ହୋଇଥିବା ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଫଳରେ ଦିନକୁ ଦିନ ସେପୁଣି ନିୟମିତ ଭାବେ ଏହି ଥାନା ଇଲାକାରେ ଚୋରି ସଂଖ୍ୟା ବଢିବାରେ ଲାଗିଛି। ଏଭଳି ପରିସ୍ଥିତିରେ ଥାନାରେ ପେଟ୍ରୋଲିଂ ପାଇଁ ଯଥେଷ୍ଟ ଗାଡ଼ି ନଥିବା ଜଣାପଡିଛି। ଯାହାର ସୁଯୋଗ ନେଇ ଚୋର ଗ୍ୟାଙ୍ଗ ଗୋଟିଏ ପରେ ଗୋଟିଏ ଚୋରି କରିବାରେ ସଫଳ ହେଉଛନ୍ତି। ଉପରୋକ୍ତ ସମସ୍ତ ଘଟଣାରେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହାୟତା ନେବା ସହ ଘଟଣା ସ୍ଥଳ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜକୁ ମଧ୍ୟ ପୁଲିସ ଯାଞ୍ଚ କରିଛି। କେତେକ ଘଟଣାରେ ପୁଲିସ ସିସିଟିଭି ଫୁଟେଜରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିବା ଜଣାପଡିଛି। ଦୁର୍ବୃତ୍ତଙ୍କୁ ଧରିବା ପାଇଁ ପୁଲିସର ଏକ ସ୍ୱତନ୍ତ୍ର ଟିମ ଗଠନ କରି ବିଭିନ୍ନ ସ୍ଥାନରେ ଚଢଉ ଜାରି ରହିଥଇବା ସୂଚନା ମିଳିଛି। ସେ ଯାହା ହେଉନା କାହିଁକି ଥାନା ଇଲାକାରେ ବୃଦ୍ଧି ପାଉଥିବା ଚୋରି ଓ ଲୁଟ ସଂଖ୍ୟାକୁ ନେଇ ଲୋକଙ୍କ ଚିନ୍ତା ଯେତିକି ବଢିଛି ତାହାଠାରୁ ପୁଲିସର ମୁଣ୍ଡବ୍ୟଥା ଅଧିକ ବଢିଥିବା ଜଣାପଡିଛି।

## ଅମୀୟବାଳାଙ୍କ ବିୟୋଗରେ ଶୋକ

ବ୍ରହ୍ମପୁର,୭ ।୧(ସମିସ): ଉତ୍କଳ ଆଶ୍ରମ ପାଠାଗାରରେ ବ୍ରହ୍ମପୁର ଲେଖିକା ସାହିତ୍ୟ ସଂସଦ ପକ୍ଷରୁ ବରିଷ୍ଠ ଲେଖିକା ଅମିୟବାଳା ପଟ୍ଟନାୟକଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଂସଦର ଅବାହିକା ସ୍ୱର୍ଣ୍ଣପ୍ରଭା ପାଢ଼ୀ, ଡ଼. ସୂଚନା ପାଢ଼ୀ, ବରିଷ୍ଠ ଲେଖିକା କିରଣବାଳା ମିଶ୍ର, ବିଦୁଷୀ ଲୋପା ସାମଲ, ସ୍ୱର୍ଣ୍ଣମୟୀ ପାଢ଼ୀ, ରଞ୍ଜିତା ରାଣୀ ଦାଶ, ଜ୍ୟୋତ୍ସ୍ନାରାଣୀ ଦେବୀ, ସୁଧାଞ୍ଜଳି ମିଶ୍ର ଓ ଲକ୍ଷ୍ମୀଆମ୍ମା ନନ୍ଦତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦୁଇ ମିନଟ ନିରବ ପ୍ରାର୍ଥନା ସହ ସ୍ୱର୍ଗତ ପଟ୍ଟନାୟକଙ୍କ ସହ ବିତେଇଥିବା ନିଜ ନିଜର ଅନୁଭୂତି ଓ ସ୍ମୃତିକୁ ଶୋକ ମାଧ୍ୟମରେ ସମସ୍ତେ ପ୍ରକାଶ କରିଥିଲେ। ଓଡିଶା ଲେଖିକା ସାହିତ୍ୟ ସଂସଦ, ବ୍ରହ୍ମପୁର ଶାଖାର ସେ ସଭାନେତ୍ରୀ ଥିଲେ। ଅନେକ ପୁସ୍ତକର ସ୍ରଷ୍ଟା, ଅନୁବାଦ ସାହିତ୍ୟ ରଚନା କରି ସେ ଅନେକ ସ୍ୱାକ୍ଷର ଛାଡି ଯାଇଛନ୍ତି ବୋଲି ଏଠାରେ କୁହାଯାଇଥିଲା। ତାଙ୍କ ବିୟୋଗରେ ଓଡ଼ିଆ ଭାଷା ସାହିତ୍ୟର ଏକ ସମୃଦ୍ଧ ସ୍ୱର ନିର୍ବାପିତ ଏବଂ ଓଡ଼ିଆ ଭାଷା ସାହିତ୍ୟର ଅପୂରଣୀୟ କ୍ଷତି ଘଟିଛି। ସେହିପରି ସ୍ମୃତି ପଟ୍ଟନାୟକ, କୁସୁମ ପଣ୍ଡା, ନଳିନୀପ୍ରଭା ଦାସ, ସୁଚେତା ପାଣିଗ୍ରାହୀ, ନିହାରିକା ସାହୁ, ବନ୍ଦନା ମହାପାତ୍ର ଓ ସୁନନ୍ଦା ପାଢ଼ୀ ପ୍ରମୁଖ ଲେଖିକାମାନେ ଦୂରଭାଷ ମାଧ୍ୟମରେ ଶୋକବାର୍ତ୍ତା ପ୍ରେରଣ କରିଥିଲେ।

## କଲ୍ୟାଣୀ ସଂଘମିତ୍ରା ବିଇଏମ୍‌ସିର ନୂଆ ଡେପୁଟି କମିଶନର

ବ୍ରହ୍ମପୁର,୭ ।୧(ସମିସ): ବରିଷ୍ଠ ଓଏଏସ୍ ଅଧିକାରୀ କଲ୍ୟାଣୀ ସଂଘମିତ୍ରା ଦେବୀଙ୍କୁ ବ୍ରହ୍ମପୁର ମହାନଗର ନିଗମର ନୂତନ ଉପାୟୁକ୍ତ ଭାବେ ଦାୟିତ୍ୱ ମିଳିଛି। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶନାମା ପ୍ରକାରେ ଏହି ସୂଚନା ମିଳିଛି। କଲ୍ୟାଣୀ ସଂଘମିତ୍ରା ଦେବୀ ବର୍ତ୍ତମାନ ରାୟଗଡା ଉପ ଜିଲ୍ଲାପାଳ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଏଥି ପୂର୍ବରୁ ସେ ଗଞ୍ଜାମ ଓ ଗଜପତି ଜିଲ୍ଲାର ବିଭିନ୍ନ ତହସିଲରେ ତହସିଲଦାର ଭାବେ ଦକ୍ଷତାର ସହିତ



କାର୍ଯ୍ୟକରି ଉଚ୍ଚ ପ୍ରଶଂଶିତ ହୋଇଥିଲେ। ପୂର୍ବରୁ ସେ ଦିଗପହଣ୍ଡି, କୁକୁଡାଖଣ୍ଡି ଓ ପରେ ଗଜପତି ଜିଲ୍ଲାର ମୋହନାରେ ତହସିଲଦାର ଭାବେ କାର୍ଯ୍ୟ କରିସାରିଛନ୍ତି। ବରିଷ୍ଠ ଓଏଏସ୍ ଅଧିକାରୀ କଲ୍ୟାଣୀ ସଂଘମିତ୍ରା ଦେବୀ ଏକାଧାରରେ ଜଣେ ସାମ୍ବାଦିକା, ଲେଖିକା ଓ ଦକ୍ଷ ପ୍ରଶାସିକା। ତାଙ୍କର ଯୋଗଦାନ ପରେ ବିଇଏମସିରେ ସେ ଯେଉଁ ଦାୟିତ୍ୱ ନିର୍ବାହ କରିବେ ତାହା ସୁଚାରୁ ରୂପେ ସମ୍ପାଦନ କରିବା ସହ ଲୋକଙ୍କ ସମସ୍ୟାର ତୁରନ୍ତ ସମାଧାନ ହୋଇପାରିବ ବୋଲି ଆଶା କରାଯାଇଛି।

# ଟିପିଏସ୍‌ଓଡିଏଲ୍ ପକ୍ଷରୁ 'ଉଲ୍ଲାସ ୨୦୨୫'

ବ୍ରହ୍ମପୁର,୭ ।୧(ସମିସ): ନୂତନ ବର୍ଷକୁ ସ୍ୱାଗତ କରିବା ସହ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ଦକ୍ଷିଣଓଡ଼ିଶାରେ ଏହାର ୪ର୍ଥ ସ୍ଥାପନା ଦିବସ ସହ ବାର୍ଷିକ କର୍ମଚାରୀ ମିଳନ ଉତ୍ସବ "ଉଲ୍ଲାସ ୨୦୨୫' ପାଳିତ ହୋଇଯାଇଛି। ଦକ୍ଷିଣଓଡ଼ିଶାର ବିଭିନ୍ନ ସ୍ଥାନରେ ଟିପିଏସଓଡିଏଲର କର୍ମଚାରୀମାନେ ସେମାନଙ୍କ ପରିବାର ସହ ଏକତ୍ରିତ ହୋଇ ଉତ୍ସାହର ସହ ଏହି ଦିନକୁ ପାଳନ କରିଥିଲେ। ୧୪ଟି ସ୍ଥାନରେ ଉଲ୍ଲାସ ଉତ୍ସବ ଆୟୋଜିତ ହୋଇଥିଲା। ବ୍ରହ୍ମପୁର ସ୍ଥିତ କର୍ପୋରେଟ ଅଫିସ ସମେତ ସମସ୍ତ ୬ଟି ସର୍କଲ ଏବଂ ଫୁଲବାଣୀ, ବୌଦ୍ଧ, ପାରଳାଖେମୁଣ୍ଡି, ଗୁଣପୁର, କୋରାପୁଟ, ନବରଙ୍ଗପୁର ଏବଂ ମାଲକାନଗିରି ଇତ୍ୟାଦି ସ୍ଥାନରେ ଉଲ୍ଲାସ ପାଳିତ ହୋଇଯାଇଛି। ଟିପିଏସଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ବ୍ରହ୍ମପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଦକ୍ଷିଣଓଡ଼ିଶାର




ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ରତନ ନାଭାଲ ଟାଟାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ତାଙ୍କ ଆଦର୍ଶ ଏବଂ ଅବଦାନ ଆଗାମୀ ପିଢ଼ିକୁ ପ୍ରେରିତ କରୁଅଛି। ଏହି ଅବସରରେ ରତନ ଟାଟାଙ୍କ ଅବଦାନକୁ ନେଇ ଏକ ବୃତ୍ତଚିତ୍ର ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଟିପିଏସଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, "ଉଲ୍ଲାସ କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ଟିପିଏସଓଡିଏଲ ପରିବାରର ମିଳିତ ଉତ୍ସାହ ଏବଂ ଲକ୍ଷ୍ୟକୁ ପାଳନ କରିବାର ଏକ ବିଶେଷ ମୁହୂର୍ତ୍ତ। ସ୍ୱର୍ଗତ ରତନ ନାଭାଲ ଟାଟାଙ୍କ ଜୀବନ ଏବଂ ଅବଦାନକୁ ମନେ ପକାଇବା ସତରେ ପ୍ରେରଣାଦାୟକ, ଯାହାଙ୍କ ଆଦର୍ଶ ଏବଂ ମୂଲ୍ୟବୋଧ ଆମକୁ ଏକ ଲକ୍ଷ୍ୟ ଓ ସଚ୍ଚୋଟତା ସହ କାମ କରିବାକୁ ଉତ୍ସାହିତ କରୁଅଛି ବୋଲି ସେ କହିଥିଲେ।

## ଯୁବକକୁ ଆକ୍ରମଣ; ଜଣେ ଗିରଫ

ବ୍ରହ୍ମପୁର,୭ ।୧(ସମିସ): ଜଣେ ଯୁବକକୁ ଆକ୍ରମଣ ଅଭିଯୋଗରେ ଗୋଷାଣିନୂଆଗାଁ ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ନେହେରୁ ନଗର ଚତୁର୍ଥ ଲାଇନ ନିବାସୀ ମହମ୍ମଦ ସାହିଲ ଓରଫ ଅଲତାଭ୍ (୨୪)। ସୂଚନାଯୋଗ୍ୟ ଯେ, ଗୋଷାଣିନୂଆଗାଁ ଥାନା ଦୀପସାହି ନିବାସୀ ଅରୁଣ ନାୟକ(୨୭) ଗତ ଡିସେମ୍ବର ୨୨ତାରିଖ ରାତି ପ୍ରାୟ ୧୦ଟା ସମୟରେ ନେହେରୁ ନଗର ଅଞ୍ଚଳକୁ ଏକ ଭୋଜି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଇଥିଲେ। ସେଠାରେ ଅଭିଯୁକ୍ତ ମହମ୍ମଦ ସାହିଲ କୌଣସି କାରଣରୁ ଅରୁଣଙ୍କୁ ଗାଳିଗୁଲଜ କରିବା ସହ ସାଉଣ୍ଡ ବକ୍ସରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଅରୁଣଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସେ ଡାକ୍ତରଖାନାକୁ ଯାଇ ନିଜର ଚିକିତ୍ସା କରାଇ ପରେ ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମହମ୍ମଦ ସାହିଲକୁ ଗିରଫ କରି ମଙ୍ଗଳବାର ସନ୍ଧ୍ୟାରେ କୋର୍ଟଚାଲାଣ କରିଥିଲା।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ, କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ |
|---|---|---|---|
| ବିଜ୍ଞାପନ ସଂ. CRPD/SCO/2024-25/21 | | | |
| 1 | ଡେପୁଟି ମ୍ୟାନେଜର (ଆର୍କାଇଭିଷ୍ଟ) | 1 | ଏମଏମଜିଏସ୍ II |
| ବିଜ୍ଞାପନ ସଂ. CRPD/SCO/2024-25/26 | | | |
| 1 | ଟ୍ରେଡ୍ ଫାଇନାନ୍ସ ଅଧିକାରୀ | 150 | ଏମଏମଜିଏସ୍ II |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 03.01.2025 ରୁ 23.01.2025 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 03.01.2025
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

! ନିଯୁକ୍ତି ! ! ନିଯୁକ୍ତି ! ! ନିଯୁକ୍ତି !




୧୦୮
EMRI GREEN HEALTH SERVICES
ନିଯୁକ୍ତି ସୁଯୋଗ
୧୦୮ ଆମ୍ବୁଲାନ୍ସ ସେବା
ଡ୍ରାଇଭର ଏବଂ ଇ.ଏମ୍.ଟି ଆବଶ୍ୟକ (କେବଳ ପୁରୁଷ)

| | ଡ୍ରାଇଭର୍ | ଜରୁରୀ ଡାକ୍ତରୀ ସହକର୍ମୀ (ଇ.ଏମ୍.ଟି) |
|---|---|---|
| ଯୋଗ୍ୟତା | ଡ୍ରାଇଭିଙ୍ଗ୍ ଲାଇସେନ୍ସ ଏଲ୍‌ଏମ୍‌ଭି (କମରସିଆଲ) ଏବଂ ବ୍ୟାଜ୍ ଲାଇସେନ୍ସ, ୮ମ ପାସ୍ କିମ୍ବା ତଦୁର୍ଦ୍ଧ ହେବା ଦରକାର | ବି.ଫାର୍ମା/ ଡି.ଫାର୍ମା/ ଜି.ଏନ୍.ଏମ୍/ ବି.ଏସ୍.ସି (ନର୍ସିଂ) ଏବଂ +୨ ବିଜ୍ଞାନ (ଅନ୍ୟୁନ ୫୦% ମାର୍କ ଥିବା ଆବଶ୍ୟକ) |

ଇଚ୍ଛୁକ ପ୍ରାର୍ଥୀ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ସାକ୍ଷାତକାର କରନ୍ତୁ।

| | |
|---|---|
| ଅଫିସ୍ ଠିକଣା | ୭ମ ମହଲା, ହଡ୍‌କୋ ଟାୱାର, ସହିଦନଗର, ରୂପାଲି ଛକ ପାଖ, ଭୁବନେଶ୍ୱର, ଓଡିଶା |
| ଫୋନ୍ ନମ୍ବର | ୦୬୭୪-୬୧୭୫୨୦୦ |
| ତାରିଖ | ୨ ଜାନୁୟାରୀ ୨୦୨୫ ରୁ ୧୮ ଜାନୁୟାରୀ ୨୦୨୫ ପର୍ଯ୍ୟନ୍ତ |
| ସମୟ | ପୂର୍ବାହ୍ନ ୧୧ଟା ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ |

ଏହି ଚୟନ ପ୍ରକ୍ରିୟାରେ କୌଣସି କନସଲଟାନ୍ସି ନିୟୋଜିତ ନାହାନ୍ତି। ଦଲାଲ ଓ ଏଜେଣ୍ଟଙ୍କ ପ୍ରତି ସାବଧାନ ରୁହନ୍ତୁ।

### ଏମ୍‌କେସିଜି ମେଡିକାଲର ପିଜି ଛାତ୍ରୀଙ୍କ ଠାରୁ ଲୁଟ୍ ଉଦ୍ୟମ ଘଟଣା

# ଚୋର ଗଲା ପରେ ଚେତିଲେ; ଆରମ୍ଭହେଲା ଆଲୋକୀକରଣ

ବ୍ରହ୍ମପୁର,୭ ।୧(ସମିସ)

ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଜଣେ ପିଜି ଛାତ୍ରୀଙ୍କ ଠାରୁ କ୍ୟାମ୍ପସର ମୁଖ୍ୟ ଫାଟକ ନିକଟରେ ଲୁଟ୍ ଉଦ୍ୟମ ଘଟଣାରେ ମଙ୍ଗଳବାର କର୍ତ୍ତୃପକ୍ଷ ଏକ ଜରୁରୀ ବୈଠକ କରିଛନ୍ତି। କାହିଁକି ଏବଂ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଥିଲା, ସେ ନେଇ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ପରିସରେ ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଅଭାବରୁ ଅନ୍ଧାର ରହୁଥିବା ବେଳେ ଖୁବଶୀଘ୍ର କିପରି ଉକ୍ତ ସ୍ଥାନଗୁଡିକୁ ଆଲୋକିତ କରାଯାଇପାରିବ ସେନେଇ ବୈଠକରେ ଆଲୋଚନା ହୋଇଛି। ଏହାସହ ଆଗାମୀ

● ଜୁନିଅର ଡାକ୍ତର ସଂଘ ସହ ମେଡିକାଲ କର୍ତ୍ତୃପକ୍ଷଙ୍କ ବୈଠକ



ଦିନରେ କିଭଳି ଏଭଳି ଘଟଣାର ପୁନରାବୃତ୍ତି ନଘଟିବ ସେଥି ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏମକେସିଜି ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ଡ଼ା. ସୁଚିତ୍ର ଦାଶ କହିଛନ୍ତି। ବୈଠକରେ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡା, ପୂର୍ତ୍ତ ବିଭାଗ (ଡିଭିଜନ-୧)ର କାର୍ଯ୍ୟନିର୍ବାହି ଯନ୍ତ୍ରୀ ଇଂ. ସୋମନାଥ ତ୍ରିପାଠୀ, ଏମକେସିଜି କନିଷ୍ଠ ଡାକ୍ତର ସଂଘ ସଭାପତି ଡା. ଆଲୋକ ଦାଶଙ୍କ ସମେତ ସଂଘର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସେହିପରି ମଙ୍ଗଳବାର ସନ୍ଧ୍ୟା ଠାରୁ ମେଡ଼ିକାଲ କ୍ୟାମ୍ପସର ଆଲୋକିକରଣ କାର୍ଯ୍ୟ ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି। ବିଭିନ୍ନ ସ୍ଥାନରେ ଅଚଳ ହୋଇଥିବା ଲାଇଟ ଗୁଡ଼ିକୁ ବାହାର କରି ଉକ୍ତ ସ୍ଥାନରେ ନୂତନ ଲାଇଟ ଲଗାଯାଇଛି। ଅନ୍ୟପକ୍ଷରେ ଘଟଣାକୁ ନେଇ ପିଜି ଛାତ୍ରୀ ଜଣକ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ଯେ, ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଦ୍ୱିତୀୟ ବର୍ଷ ପିଜି ଛାତ୍ରୀ ଜଣକ ସୋମବାର ରାତି ପ୍ରାୟ ୮ଟା ସମୟରେ ନିଜ କାର ଧରି ଔଷଧ କିଣିବାକୁ ବାହାରକୁ ଆସିଥିଲେ। କାରଟିକୁ ମେଡିକାଲର ମୁଖ୍ୟ ଫାଟକ ନିକଟରେ ରଖି ରାସ୍ତାର ଅପରପାଶ୍ୱରେ ଥିବା ଔଷଧ ଦୋକାନକୁ ଚାଲିଚାଲି ଯାଇଥିଲେ। ଔଷଧ କିଣିବା ପରେ ନିଜ କାରର ଡ୍ରାଇଭର ସିଟରେ ବସି ଗାଡି ଷ୍ଟାର୍ଟ କରିବା ସମୟରେ ଜଣେ ଦୁର୍ବୃତ୍ତ ହଠାତ ତାଙ୍କ ନିକଟରେ ପହଞ୍ଚି ତାଙ୍କୁ କାରର ଆର ସିଟ ଆଡକୁ ଠେଲି ଦେଇଥିଲେ। ଡାକ୍ତର ଛାତ୍ରୀ ଜଣକ ଦୁର୍ବୃତ୍ତଙ୍କୁ ପ୍ରତିବାଦ କରିବା ସହ ଜୋରରେ ଚିତ୍କାର କରିଥିଲେ। ଏହାଦେଖି ରାସ୍ତାରେ ଏକ ସ୍କୁଟିରେ ଯାଉଥିବା ୨ଜଣ ବ୍ୟକ୍ତି ଉକ୍ତ କାର ନିକଟରେ ପହଞ୍ଚି ଯିବାରୁ ଦୁର୍ବୃତ୍ତ ଜଣକ ଘଟଣାସ୍ଥଳରୁ ଦୌଡି ପଳାଇଥିଲେ। ତେବେ ତାଙ୍କୁ ଲୁଟ୍ କିମ୍ବା ଅପହରଣ କରିବାକୁ ଉଦ୍ୟମ ହୋଇଥିବା ନେଇ ସନ୍ଦେହ କରାଯାଇଥିଲା।

### ଚିନିଶିଳ୍ପ ପରିଚାଳନା କମିଟି ବୈଠକ ଅଧାରୁ ଚାଲିଗଲେ ଚାଷୀ

# ଉଚିତ ମୂଲ୍ୟ ନ ମିଳିଲେ ଆଖୁ ଯୋଗାଣ ବନ୍ଦ କରିବାକୁ ଚେତାବନୀ

**ଆସିକା,୭ ।୧(ସମିସ)**

ଜାନୁଆରୀ ମାସ ହେଲାଣି କିନ୍ତୁ ହେଲେ ଏପର୍ଯ୍ୟନ୍ତ ଗଞ୍ଜାମରେ ଆଖୁ କାଟିବାର ଅର୍ଡର ମିଳିନି ଚାଷୀଙ୍କୁ। ଏହାର ମୂଳ କାରଣ ହେଲା ଆଖୁ କ୍ୱିଣ୍ଟାଲ ପିଛା ଆସିକା ଚିନିଶିଳ୍ପ କର୍ତ୍ତୃପକ୍ଷ ୩୪୦୦ ଟଙ୍କା ରଖିଥିବା ବେଳେ ଆଖୁ ଚାଷୀ ଏହାକୁ ଗ୍ରହଣ କରିନାହାନ୍ତି। ସେମାନଙ୍କ ଏକା ଜିଦ ଆଖୁ କ୍ୱିଣ୍ଟାଲ ପିଛା ୪୨୦୦ ଟଙ୍କା ଦିଆଯାଉ। ଆଖୁ ଚାଷ ପାଇଁ ଚାଷୀଟିଏ ୧୨ ମାସ ପରିଶ୍ରମ କରୁଥିବା ବେଳେ ସେଥିରେ ବିଭିନ୍ନ ପ୍ରକାର ବିନିଯୋଗ ମଧ୍ୟ ରହିଛି। ତେଣୁ ସ୍ୱଳ୍ପ ଦରରେ ଆଖୁ ବିକ୍ରିକରି ଚାଷୀ ଆଉ ଅଧିକ କ୍ଷତି ସହିପାରିବେ ନାହିଁ। ଚାଷୀଙ୍କ ଏପରି ଜିଦରେ ଥିବା ବେଳେ ମଙ୍ଗଳବାର ଆସିକା ଚିନିଶିଳ୍ପ ସଭାଗୃହ ପରିସରରେ ଆସିକା ଚିନିଶିଳ୍ପ ପରିଚାଳନା କମିଟି ଓ ଆଖୁ ଚାଷୀଙ୍କ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଖୁଚାଷୀଙ୍କୁ ଚଳିତ ବର୍ଷ ପାଇଁ ଆଖୁ ୩୪୦୦ ଟଙ୍କାରେ ବିକ୍ରି କରିବା ପାଇଁ ଶିଳ୍ପ ପକ୍ଷରୁ କୁହାଯାଇଥିଲା। ହେଲେ ଆଖୁ ଚାଷୀଙ୍କ ଜିଦ ୪୨୦୦ ଟଙ୍କାରୁ ଦର କମ ହେଲେ ସେମାନେ ଆଖୁ କଳକୁ ଦେବେ ନାହିଁ। ଏଥିପାଇଁ ସବୁ ଚାଷୀ ଏକାଠି ହୋଇ ଶପଥ ବି ନେଇଛନ୍ତି। ସେପଟେ



ଆଖୁ ଚାଷୀ ନେତା ପୂର୍ଣ୍ଣଚନ୍ଦ୍ର ବରାଡ଼ କହିଛନ୍ତି, ଏ ସରକାର ରଙ୍ଗ ବଦଳିବା ସରକାର। ଆଖୁଚାଷୀଙ୍କ ପାଇଁ କୌଣସି ସହଯୋଗ କରୁ ନଥିବା ବେଳେ ଧାନ, ମାଣ୍ଡିଆ, ମୁଗ ବିରି ଚାଷୀଙ୍କ ପାଇଁ ଯେମିତି ଘୋଷଣା କରୁଛନ୍ତି ସେମିତି ଆଖୁ ଚାଷୀଙ୍କ ପ୍ରତି ସମୁଦ୍ରକୁ ଶଙ୍ଖେ ପଣା ଭଳି ମୂଲ୍ୟ ଘୋଷଣା କରୁଛନ୍ତି। ତେଣୁ ଆଖୁ ଚାଷୀ ମାନେ କ୍ଷୁବ୍ଧ ହୋଇଛନ୍ତି। ସରକାର ଆଖୁ ଚାଷୀଙ୍କୁ ଟନ ପିଛା ଉଚିତ ମୂଲ୍ୟ ନ ଦେଲେ ଆଖୁ ଯୋଗାଇ ଦେବୁ ନାହିଁ ବୋଲି ଆଖୁ ଚାଷୀ ନେତା ସମୀର ପ୍ରଧାନ କହିଛନ୍ତି। ବୈଠକରେ ଉପସ୍ଥିତ ଥିଲେ ଚିନିଶିଳ୍ପ ପରିଚାଳନା ପରିଷଦ ଅଧ୍ୟକ୍ଷ ସୁଶାନ୍ତ ପଣ୍ଡା ଏବଂ ପରିଚାଳନା ସଭାପତି ରବୀନ୍ଦ୍ର ପଣ୍ଡାଙ୍କ ସମେତ ବିଭିନ୍ନ ପଦାଧିକାରୀ ଓ ଚାଷୀ ଉପସ୍ଥିତ ଥିଲେ।

## ବ୍ରହ୍ମପୁରରେ ହେବ ଖେଲୋ ଇଣ୍ଡିଆ ମହିଳା ଜାତୀୟ ଭାରୋତ୍ତୋଳନ ପ୍ରତିଯୋଗିତା



**ବ୍ରହ୍ମପୁର,୭ ।୧(ସମିସ):** ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ମଙ୍ଗଳବାର ଓଡ଼ିଶା ଭାରୋତ୍ତୋଳନ ସଙ୍ଗଠନ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଖେଲୋ ଇଣ୍ଡିଆ ମହିଳା ଜାତୀୟ ଭାରୋତ୍ତୋଳନ ପ୍ରତିଯୋଗିତା ବ୍ରହ୍ମପୁର ସ୍ଥିତ ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଆୟୋଜିତ ହେବ। ଆସନ୍ତା ୯ତାରିଖରୁ ପ୍ରତିଯୋଗିତା ଆରମ୍ଭ ହୋଇ ୧୪ତାରିଖରେ ଉଦଯାପିତ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତିଯୋଗିତାରେ ଦେଶର ୨୭ଟି ରାଜ୍ୟର ୪୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଯୁବ, କନିଷ୍ଠ ଓ ବରିଷ୍ଠ ବିଭାଗରେ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବେ ବୋଲି ରାଜ୍ୟ ଭାରୋତ୍ତୋଳନ ସଂଘର ସଭାପତି ଇଂ. ଚିତ୍ତରଞ୍ଜନ ସ୍ୱାଇଁ କହିଛନ୍ତି। ପ୍ରତ୍ୟେକ ବିଭାଗରେ ୧୦ଟି ଓଜନ ବର୍ଗରେ ପ୍ରତିଯୋଗିତା ହେବାକୁ ଥିବାବେଳେ ପ୍ରାୟ ପ୍ରତ୍ୟେକ ବର୍ଗରେ ଓଡ଼ିଶାର ଖେଳାଳି ଭାଗ ନେବେ। ଓଡ଼ିଶାର ୨୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବାକୁ ଥିବାବେଳେ ସେମାନଙ୍କ ମଧ୍ୟରେ ଅନ୍ତର୍ଜାତୀୟ ପଦକ ବିଜେତା ଜ୍ୟୋତ୍ସ୍ନା ଶବର, ମୀନା ସାନ୍ତା, ସ୍ନେହା ସୋରେନ୍ ଓ ଶୁଭସ୍ମିତା ମହାନ୍ତି ପ୍ରମୁଖ ଭାଗ ନେବେ ବୋଲି ସଂଘ ସମ୍ପାଦକ କେ. ରବି କୁମାର ସୂଚନା ଦେଇଛନ୍ତି। ସେହିପରି ଅନ୍ୟ ରାଜ୍ୟର ଜାତୀୟ ଓ ଅନ୍ତର୍ଜାତୀୟ ପଦକଧାରୀ ମଧ୍ୟ ଏଥିରେ ଅଂଶଗ୍ରହଣ କରିବେ ବୋଲି ସେ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି ନାରାୟଣ ସାହୁ, ଉପସଭାପତି ରମେଶ ଚନ୍ଦ୍ର ପାଢ଼ୀ ଓ ଜିଲ୍ଲା ସମ୍ପାଦକ ସୁଧିର କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଦୀପ୍ତ ସ୍ମାରକୀ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



**ଦିଗପହଣ୍ଡି,୭ ।୧(ସମିସ):** ଦିଗପହଣ୍ଡି ସ୍ଥିତ ବଡଖେମୁଣ୍ଡି ହାଇସ୍କୁଲ ମିନି ଷ୍ଟାଡିୟମରେ ଚାଲିଥିବା ପ୍ରଦୀପ୍ତ ପଟ୍ଟନାୟକ ସ୍ମାରକୀ ଭଲିବଲ ଟୁର୍ଣ୍ଣାମେଣ୍ଟ ସୋମବାର ଉଦଯାପିତ ହୋଇଯାଇଛି । ଖେମୁଣ୍ଡି ସ୍ପୋର୍ଟିଙ୍ଗ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଦିବାରାତ୍ର ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଗଜପତି ଜିଲ୍ଲାର ଗୁମ୍ମା ଗ୍ରାମ ଭଲିବଲ ଦଳ ପ୍ରତିପକ୍ଷ କନ୍ଧମାଳ ଜିଲ୍ଲାର ବାରଖମା ଭଲିବଲ ଦଳକୁ ୩-୨ ସେଟରେ ହରାଇ କ୍ରମାଗତ ଦ୍ୱିତୀୟ ଥର ପାଇଁ ଚାମ୍ପିଅନ ହୋଇପାରିଛି। ଫାଇନାଲ ମ୍ୟାଚ ଆରମ୍ଭ ପୂର୍ବରୁ ଦିଗପହଣ୍ଡି ତହସିଲଦାର ଅନୀତା କୁମାରୀ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ୫ ସେଟ୍ ବିଶିଷ୍ଟ ମ୍ୟାଚରେ ଉଭୟ ଦଳ ପ୍ରଥମ ୪ ସେଟ୍‌ରୁ ୨ ସେଟ୍ ଜିତି ଥିବା ବେଳେ ମ୍ୟାଚର ଶେଷ ସେଟ୍‌ଟି ଗୁମ୍ମା ଦଳ ବାଜି ମାରିଥିଲା। ଉଦଯାପନୀ ସମାରୋହରେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଦିଗପହଣ୍ଡି ଏନଏସି ଅଧ୍ୟକ୍ଷ ପ୍ରଫୁଲ ପଣ୍ଡା, ବଡ଼ଖେମୁଣ୍ଡି ରାଜପୁତ୍ର ଶ୍ରୀଧର ଦେଓ, ଫାସିଗୁଡା ସରପଞ୍ଚ ପ୍ରତିନିଧି ଶିବରାମ ପ୍ରଧାନ, ସମାଜସେବୀ ଗଣେଶ ବ୍ରହ୍ମା, ଛାତ୍ର କଂଗ୍ରେସ ଜିଲ୍ଲା ସଭାପତି ବିକାଶ ପଶୁପାଳକ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ବିଜେତା ଦଳକୁ ୩୩,୩୩୩ ଟଙ୍କା ଓ ପରାଜିତ ଦଳକୁ ୨୨,୨୨୨ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିସହ ବାରଖମା ଦଳର ଡାମଣା ଭାଇଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ଚୟନ କରାଯାଇ ମୁଖ୍ୟଅତିଥିଙ୍କ ଦ୍ୱାରା ପ୍ରଦତ୍ତ ଏକ ବାଇ ସାଇକେଲ ପ୍ରଦାନ କରାଯାଇଥିଲା। କ୍ରୀଡାପ୍ରେମୀ ଅର୍ଜ୍ଜୁ .ଗୋବିନ୍ଦଙ୍କ ସଂଯୋଜନାରେ ଆୟୋଜକ କମିଟି ସଭାପତି ଶିବଶଙ୍କର ମହାଙ୍କୁଡ, ସମ୍ପାଦକ ବିଚିତ୍ରାନନ୍ଦ ପଟ୍ଟନାୟକ, କୋଷାଧ୍ୟକ୍ଷ ତଥା କାଉନସିଲର ଦୀପକ କୁମାର ମିଶ୍ର, ଏ . ସାକିଲି, ବାରିକ ବେହେରା, ଲୋକନାଥ ପାଣିଗ୍ରାହୀ, କେ. କୁନା ପ୍ରମୁଖ ସମଗ୍ର ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ। ଗୋବିନ୍ଦ ନାୟକ ମ୍ୟାଚ ରେଫେରି ଥିବାବେଳେ ଖେମୁଣ୍ଡି ସ୍ପୋର୍ଟିଙ୍ଗ କ୍ଲବ ସଦସ୍ୟ ବୃନ୍ଦ ସମସ୍ତ ମ୍ୟାଚ ତଦାରଖ କରିବାରେ ସହଯୋଗ କରିଥିଲେ।

## ଯୋଗେଶ୍ୱର ଯୁଥ୍ କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ଆସିକା,୭ ।୧(ସମିସ):** ଆସିକା ବ୍ଲକ ଅନ୍ତର୍ଗତ ଖାରିଆ ଖେଳ ପଡିଆରେ ଯୋଗେଶ୍ୱର କ୍ରିକେଟ କ୍ଲବ ପକ୍ଷରୁ ଟୁର୍ଣ୍ଣାମେଣ୍ଟ ଉଦଘାଟନ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ସ୍ଥାନୀୟ ବିଧାୟକ ସରୋଜ ପାଢ଼ୀ, ସମ୍ମାନୀୟ ଅତିଥି ଭାବେ ବଂଶୀଧର ନାହାକ, ବିଜେପି ନେତା ତଥା ଖାରିଆ ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଭଗବାନ ସାହୁ, କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷ ବୀରେନ୍ଦ୍ର ଖଟେଇ, ନିରଞ୍ଜନ ମହାନ୍ତିଙ୍କ ସମେତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ମାନେ ଉପସ୍ଥିତ ଥିଲେ। ଉଦଘାଟନି ମ୍ୟାଚରେ ପାଟପୁର ସହ ନନ୍ଦିକ ମୁହାଁମୁହିଁ ହୋଇଥିଲା। ପାଟପୁର ୧୦ ଓଭରରେ ୯୨ ରନ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ନନ୍ଦିକ ଟିମ୍ ଆବଶ୍ୟକୀୟ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ରାଜୀବ ଗୌଡ଼ ଓ ବୟଲୋଚନ ପଣ୍ଡା ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ



ଖାରିଆ ଗ୍ରାମ ସଭାପତି ସୁଦାମ ପ୍ରଧାନ, ସୁଶାନ୍ତ ପ୍ରଧାନ, ବାଳକୃଷ୍ଣ ଜେନା, ଶିବରାମ ଜେନା ଓ କିରଣ ପ୍ରଧାନଙ୍କ ସମେତ ଯୋଗେଶ୍ୱର ଯୁଥ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଦିବ୍ୟାଙ୍ଗ ଅଭିଭାବକ ସମ୍ମିଳନୀ



**ସୋରଡ଼ା,୭ ।୧(ସମିସ):** ସୋରଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ପ୍ରିୟଦର୍ଶିନୀ ନାୟକଙ୍କ ଆହ୍ୱାନ କ୍ରମେ ବ୍ଲକର ସମସ୍ତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଅଭିଭାବକ ମାନଙ୍କୁ ନେଇ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ବିଦ୍ୟାଳୟ ଗୁଡିକରେ ଦିବ୍ୟାଙ୍ଗ ମାନଙ୍କ ପାଇଁ ମିଳୁଥିବା ସୁବିଧା ଓ ସୁପରିଚାଳନା ନିମିତ୍ତ ଏକ କାର୍ଯ୍ୟକ୍ରମ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ କୁମାର ମଣ୍ଡଳ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ରାଧା ମୋହନ ସାହୁ, ଗୋଷ୍ଠୀ ସମ୍ବଳ ଶିକ୍ଷକ ଜଗନ୍ନାଥ ବେହେରା, ସାଧନ କର୍ମୀ ସୀତାକାନ୍ତ ପଣ୍ଡା, ଜଗବନ୍ଧୁ ମହାରଣା, ସିଆରସିସି ବିଦେଶୀ ବେହେରା ଓ କିଛି ଅନ୍ତର୍ନିବେଶି ଶିକ୍ଷା ସ୍ୱେଚ୍ଛାସେବୀ ମାନେ ଉପସ୍ଥିତ ରହିଥିଲେ। ଏହି ଅବସରରେ ଦିବ୍ୟାଙ୍ଗ ମାନଙ୍କ ପାଇଁ ସରକାରୀ ସ୍ତରରେ ବିଭିନ୍ନ ପ୍ରୋତ୍ସାହନ ଓ ସୁବିଧା ଆଦି ବିଷୟରେ ଆଲୋଚନା କରାଯାଇଛି।

## ଇଞ୍ଜିନିୟର ଆସୋସିଏସନର ପକ୍ଷରୁ ଚାରାରୋପଣ

**ଛତ୍ରପୁର,୭ ।୧(ସମିସ):** ଗଞ୍ଜାମ ଜିଲ୍ଲାର ଅଖିଳ ଓଡ଼ିଶା ଓୱାନ ଇଞ୍ଜିନିୟର ଆସୋସିଏସନର ପକ୍ଷରୁ ଭଞ୍ଜନଗର ବ୍ଲକ ସ୍ଥିତ ବାପଙ୍ଗୀ ଠାରେ ବୃକ୍ଷରୋପଣ ଅଭିଯାନର ଆୟୋଜନ ହୋଇଥିଲା। ଗଞ୍ଜାମ ଜିଲ୍ଲା ଓୱାନ୍ ମୁଖ୍ୟ ଶିଶିର ପାଣିଗ୍ରାହି ଏହି ପଦକ୍ଷେପକୁ ଉତ୍ସାହିତ କରିଥିବାବେଳେ ସଂଯୋଜକ ସୁଶାନ୍ତ କୁମାର ଦାସ ପ୍ରତାପ ଗୌଡ଼ା, ଜଗନ୍ନାଥ ଦାସ, ବିଷ୍ଣୁ ପାଣ୍ଡା, ବିଚିତ୍ରାନନ୍ଦ ସାହୁ, ନାଗାର୍ଜୁନ ପାଣ୍ଡା, ପିଣ୍ଟୁ ପ୍ରଧାନ ଏବଂ



ସମସ୍ତ ୧୫ ଜଣ ସଦସ୍ୟଙ୍କୁ ନେଇ ଦଳକୁ ମାର୍ଗଦର୍ଶନ କରିଥିଲେ। ପ୍ରକୃତିର ସଂରକ୍ଷଣର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଏକ ସବୁଜ ଭବିଷ୍ୟତ ପାଇଁ ଅବଦାନ ରଖିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ଏଭଳି ପଦକ୍ଷେପ କେବଳ ବୈଷୟିକ ବିକାଶ ପାଇଁ ନୁହେଁ ବରଂ ସେମାନଙ୍କ ସମ୍ପ୍ରଦାୟରେ ସ୍ଥାୟୀ ଏବଂ ସାମାଜିକ ଦାୟିତ୍ୱପୂର୍ଣ୍ଣ ଅଭ୍ୟାସ ପ୍ରୋତ୍ସାହିତ କରିବା ପାଇଁ ଆସୋସିଏସନର ଉତ୍ସର୍ଗୀକୃତତାକୁ ପ୍ରତିଫଳିତ କରିଛି।

## ଦୋକାନକୁ ଧକ୍କା ଦେଲା ଟ୍ରକ୍

**ସାନଖେମୁଣ୍ଡି,୭ ।୧(ସମିସ):** ଆସିକା-ଦିଗପହଣ୍ଡି ମୁଖ୍ୟ ରାସ୍ତା ପାଟପୁର ଥାନା ପଳାଶପୁର ଛକ ନିକଟରେ ଏକ ଟ୍ରକ ଗୋଟାଏ ଦୋକାନକୁ ଧକା ଦେବା ସହ ଦୁଇଟି ମୋଟର ସାଇକେଲ ମାଡ଼ି ଦେଇଥିବା ଜଣାପଡିଛି। ଦୁର୍ଘଟଣାରେ କେହି ମୃତାହତ ହୋଇନଥିବା ଜଣାପଡିଛି। ସୂଚନା ମୁତାବକ ମଙ୍ଗଳବାର ଅପରାହ୍ନରେ ଶେରଗଡ଼ରୁ ଦିଗପହଣ୍ଡି ଅଭିମୁଖେ ଆସୁଥିବା ଏକ ଟ୍ରକ ଭାରସାମ୍ୟ ହରାଇ ପଳାଶପୁର ଛକ ନିକଟରେ ଥିବା ବିଚିତ୍ର କୁମାର ସାହୁଙ୍କ ଦୋକାନ ଓ ମୋଟର ସାଇକେଲ, ସନ୍ତୋଷ କୁମାର ସାହୁଙ୍କ ମୋପେଡ ଗାଡି ଓ ସନ୍ତୋଷ କୁମାର ଡାକୁଆଙ୍କ ଦୋକାନ ସେଡକୁ ଧକ୍କା ଦେଇ ଏକ ଗଛକୁ ଧକା ଦେଇଥିବା ଜଣାପଡିଛି। ଖବର ପାଇ ପାଟପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

## ଆସିକା ଏନ୍‌ଏସିରେ ଭିଜିଲାନ୍ସ ଚଢ଼ଉ

**ଆସିକା,୭ ।୧(ସମିସ):** ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦରେ ଏକ ଦୁଇ ଜଣିଆ ଭିଜିଲାନ୍ସ ଟିମ ଏକ ଉନ୍ନୟନମୂଳକ କାର୍ଯ୍ୟର କାଗଜ ପତ୍ର ଯାଞ୍ଚ କରି ଫେରିଥିଲେ। ବ୍ରହ୍ମପୁର ଭିଜିଲାନ୍ସର ସୋମ୍ୟ କାନ୍ତ ପଣ୍ଡାଙ୍କ ନେତୃତ୍ୱରେ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟର ମୁଖ୍ୟ ଅଧିକାରୀଙ୍କ ସହ ଆଲୋଚନା କରି ଅଭିଯୋଗ ହୋଇଥିବା ଉନ୍ନୟନ କାମର କାଗଜ ପତ୍ର ଯାଞ୍ଚ କରିଥିବା ବେଳେ ଦୀର୍ଘ ପାଞ୍ଚ ଘଣ୍ଟା ଏହି ଟିମ ଯାଞ୍ଚ କରିଥିଲେ। ତେବେ ଭିଜିଲାନ୍ସ ଟିମ ପକ୍ଷରୁ କୌଣସି ସୂଚନା ମିଳି ନଥିବା ବେଳେ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧିକାରୀଙ୍କ ପକ୍ଷରୁ କୌଣସି ସୂଚନା ମିଳି ନାହିଁ।

## ପୁରୁଣା ୱାରେଣ୍ଟ ବଳରେ ଜଣେ ଗିରଫ

**ବ୍ରହ୍ମପୁର,୭ ।୧(ସମିସ):** ଗୋପାଳପୁର ପୁଲିସ ମଙ୍ଗଳବାର ପୁରୁଣା ୱାରେଣ୍ଟିକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ପୁରୁଣା ଗୋଳାବନ୍ଧ ଗ୍ରାମର ଜେ.ଦାସୁ ବୋଲି ପୁଲିସ କହିଛି। ସୂଚନା ପ୍ରକାରେ ୨୦୧୭ ମସିହାରେ ପାରିବାରିକ ଗଣ୍ଡଗୋଳରେ ପତ୍ନୀଙ୍କର ଭରଣପୋଷାଣ ବାବଦକୁ ୧୦ହଜାର ଟଙ୍କା ଦେବାକୁ ସ୍ଥିର ହୋଇଥିଲା। କିନ୍ତୁ ଭରଣପୋଷଣ ବାବଦ ଟଙ୍କା ନଦେଇ ଦାସୁ ଫେରାର ହୋଇଯାଇଥିଲା। ଅର୍ଥ ପ୍ରଦାନ କରିବାରେ ଅବହେଳା କରୁଥିବାରୁ ଗୋପାଳପୁର ଥାନାରେ କେସ ନମ୍ବର ୧୫/୨୦୧୭ ମାମଲା ରୁଜୁ କରି କୋର୍ଟକୁ ହସ୍ତାନ୍ତର ହୋଇଥିଲା। କୋର୍ଟର ଆଦେଶକୁ ଅବମାନନା କରୁଥିବାରୁ ଫେମିଲି କୋର୍ଟ ୱାରେଣ୍ଟ ଜାରି କରିଥିଲେ। କୌଣସି ସୂତ୍ରରୁ ଗୋପାଳପୁର ପୁଲିସ ଖବର ପାଇ ମଙ୍ଗଳବାର ନିଜ ଗ୍ରାମରୁ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିବା ପୁଲିସ ସୂତ୍ରରୁ ଜଣାପଡିଛି।

● **ସରକାରୀ କର୍ମଚାରୀ ଆଚରଣ ବିଧି ଉଲ୍ଲଂଘନ**

## ଜୁନିଅର ଆସିଷ୍ଟାଣ୍ଟ ନିଲମ୍ବିତ

**ବ୍ରହ୍ମପୁର,୭ ।୧(ସମିସ):** ସରକାରୀ କର୍ମଚାରୀଙ୍କ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ଗୋକର୍ଣ୍ଣପୁର ହାଇସ୍କୁଲର ଜୁନିଅର ଆସିଷ୍ଟାଣ୍ଟ ଅଜିତ୍ କୁମାର ସାବତଙ୍କୁ ଜିଲ୍ଲା ଶିକ୍ଷାକାରୀ ଚାକିରିରୁ ନିଲମ୍ବନ କରିଛନ୍ତି। ନିଲମ୍ବନ ସମୟରେ ଶ୍ରୀ ସାବତ ସ୍ଥିରୀକୃତ ଧାରକୋଟ ଗୋଷ୍ଠୀ ଶିକ୍ଷାକାରୀଙ୍କ ନିକଟରେ ହାଜିରା ଦେବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ସେ ଧାରକୋଟରେ ସଦର ମହକୁମା ଛାଡିପାରିବେ ନାହିଁ ବୋଲି ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ପ୍ରକାଶ ବିଜ୍ଞପ୍ତିରୁ ସୂଚନା ମିଳିଛି। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ବିରୋଧରେ ଷଡ଼ଯନ୍ତ୍ର ରଚିଥିବା ଅଭିଯୋଗ ଚିଠିରେ ଉଲ୍ଲେଖ ରହିଛି। ଏହାସହ ଓଡିଶା ସରକାରୀ କର୍ମଚାରୀଙ୍କ ଆଚରଣ ବିଧି ଉଲ୍ଲଂଘନ କରି କର୍ତ୍ତୃପକ୍ଷ ଏବଂ ପ୍ରଶାସନକୁ ଲଜ୍ଜାଜନକ ସ୍ଥିତିରେ ରଖିବା ପାଇଁ ମିଥ୍ୟା ଅଭିଯୋଗ ଆଣିଥିବା କୁହାଯାଇଛି।

## ଆତ୍ମରକ୍ଷା ତାଲିମ ଶିବିର




**ଗୋପାଳପୁର,୭ ।୧(ସମିସ):** ଗୋପାଳପୁର କଲେଜରେ ଛାତ୍ରୀମାନଙ୍କୁ ନେଇ ଆତ୍ମରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମକୁ କଲେଜ ଅଧ୍ୟକ୍ଷ ଡଃ ରାମପ୍ରସାଦ ପଣ୍ଡା ଉଦଘାଟନ କରିବା ସହ ନିଜକୁ ଅବଳା ଦୁର୍ବଳା ନ ଭାବି ନିର୍ଭୟରେ ସମସ୍ୟାକୁ ସମ୍ମୁଖୀନ ହେବାକୁ ଆହ୍ୱାନ ଦେଇଥିଲେ। ଯୁବରେଡକ୍ରସ ଉପଦେଷ୍ଟା ଡଃ ରାମଚନ୍ଦ୍ର ଜେନା ଆତ୍ମରକ୍ଷା କାହିଁକି କିପରି ଓ ଆବଶ୍ୟକତା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ବାଣିଜ୍ୟ ବିଭାଗୀୟ ମୁଖ୍ୟ ଡ. ମନୋଜ ପଟ୍ଟନାୟକ ନିଜର ବକ୍ତବ୍ୟ ରଖିଥିଲେ। ସଂଯୋଜିକା ଏସ. ରୂପଲକ୍ଷ୍ମୀଙ୍କ ନେତୃତ୍ୱରେ ମାଷ୍ଟର ରୋହିଣୀ ଖଣ୍ଡୁଆଳ ଏବଂ ସନ୍ଧ୍ୟାରାଣୀ ମହାରଣା ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ଶିଖାଇଥିଲେ। ଅଧ୍ୟାପକ ପି.ଭି. ଗିରିଧର, ସୁନୀତା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପିକା ଡ. ନିହାରିକା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସଡ଼କ ସୁରକ୍ଷା ଦିବସ ପାଳିତ

**ଛତ୍ରପୁର,୭ ।୧(ସମିସ):** ନରେନ୍ଦ୍ରପୁର ସ୍ଥିତ କ୍ଷେତ୍ରମୋହନ ବିଜ୍ଞାନ କନିଷ୍ଠ ମହାବିଦ୍ୟାଳୟରେ କଲେଜ ଅଧ୍ୟକ୍ଷ ଡ.ପ୍ରଫୁଲ୍ଲ କୁମାର ପାଳଙ୍କ ଅଧ୍ୟକ୍ଷତାରେ ସଡକ ସୁରକ୍ଷା ପରିବାର ରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୋଟର ଯାନ ନିରୀକ୍ଷଣ ଅଧିକାରୀ ରବୀନ୍ଦ୍ର କୁମାର ଜେନା, ଚମାଖଣ୍ଡି ଥାନା ଅନ୍ତର୍ଗତ ଜଗନ୍ନାଥପୁର ଫାଣ୍ଡି ଅଧିକାରୀ ଅରୁଣ କୁମାର ରାଉତ, କ୍ଷତ୍ରିୟ ବ୍ରହ୍ମପୁର ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ.ବି.ଗୋବିନ୍ଦ ରାଓ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଭିଡିଓ କ୍ଲିପ୍ ପ୍ରଦର୍ଶନ ପୂର୍ବକ ସଡକ ଦୁର୍ଘଟଣାର କାରଣ ଓ ନିରାକରଣ ସଂପର୍କରେ ବ୍ୟାପକ ଚର୍ଚ୍ଚା କରିଥିଲେ। ଯୁବ ରେଡକ୍ରସ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରେଡକ୍ରସ ସଞ୍ଚାଳିକା ଅଧ୍ୟାପିକା ଅନ୍ନପୂର୍ଣ୍ଣା ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ଡ.ହୃଷୀକେଶ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କ୍ରୀଡା ଶିକ୍ଷକ ପ୍ରଶାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ସଚେତନତା ରାଲି ନଗର ପରିକ୍ରମଣ କରିଥିଲା। ପ୍ରାଧ୍ୟାପକ ବିଜୟ କୁମାର ଖଟେଇ, ଅଧ୍ୟାପିକା ସଂଗୀତା ସ୍ୱାଇଁ, ଅଧ୍ୟାପିକା ମଧୁସ୍ମିତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଘୋଡ଼ାହାଡ଼ ଜଳଭଣ୍ଡାରରେ କୁମ୍ଭୀର ଗଣନା



**ଦିଗପହଣ୍ଡି,୭ ।୧(ସମିସ):** ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଖମାରି ଗାଁ ନିକଟରେ ଥିବା ଘୋଡାହାଡ ଡ୍ୟାମରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ କୁମ୍ଭୀର ଗଣନା ଆରମ୍ଭ ହୋଇଛି। ବ୍ରହ୍ମପୁର ବନଖଣ୍ଡ ଅଧିନସ୍ଥ ଦିଗପହଣ୍ଡି ବନାଞ୍ଚଳର ଘୋଡାହାଡ ଜଳଭଣ୍ଡାର ଓ ଏହାର ଆଖପାଖ ଅଞ୍ଚଳରେ ଥିବା ଗ୍ରାମର ପୋଖରୀ ମାନଙ୍କରେ କୁମ୍ଭୀର ଗଣନା ପ୍ରକିୟା ଆରମ୍ଭ ହୋଇଥିବା ବେଳେ ବୁଧବାର ସନ୍ଧ୍ୟାରେ ଗଣନା କାର୍ଯ୍ୟ ସରିବ। ଘୋଡାହାଡ ଜଳଭଣ୍ଡାରକୁ ୧୦ ଟି ସେଗମେଣ୍ଟରେ ବିଭକ୍ତ କରାଯାଇ କୁମ୍ଭୀର ଗଣନା ଚାଲିଥିବା ବେଳେ ନିକଟସ୍ଥ ଗ୍ରାମ ମାନଙ୍କରେ ଥିବା ୧୬ଟି ପୋଖରୀକୁ ଚିହ୍ନଟ କରାଯାଇ ଗଣନା ନିମନ୍ତେ ୬ଟି ଟିମ୍ ଗଠନ କରାଯାଇଛି। ଘୋଡ଼ାହାଡ଼ ଜଳଭଣ୍ଡାର ନିକଟରେ କୁମ୍ଭୀର ଗଣନା ପାଇଁ ନିୟୋଜିତ ବନ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏସିଏଫ୍ ସସ୍ମିତା ବିଶ୍ୱାଳ ସମସ୍ତ ବନ କର୍ମଚାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିବା ବେଳେ ଦିଗପହଣ୍ଡି ବନାଞ୍ଚଳ ଅଧିକାରୀ ଦିବ୍ୟରଞ୍ଜନ ସାହୁ ଉପସ୍ଥିତ ଥିଲେ। ବନ ବିଭାଗର ଗଣନା ଅନୁଯାୟୀ ଗତ ୨୦୨୨ରେ କୁମ୍ଭୀରଙ୍କ ସଂଖ୍ୟା ୭୬ ରହିଥିବା ବେଳେ ୨୦୨୩ ରେ ତାହା ବୃଦ୍ଧି ପାଇ ୮୧ରେ ପହଞ୍ଚିଥିଲା । ସେହିପରି ୨୦୨୪ ଏହାର ସଂଖ୍ୟା ୮୪ରେ ପହଞ୍ଚିଥିଲା। ଚଳିତ ବର୍ଷ ମଧ୍ୟ କୁମ୍ଭୀରଙ୍କ ସଂଖ୍ୟା ବୃଦ୍ଧି ହେବ ବୋଲି ବିଭାଗ ଆଶା ରଖିଥିବା ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନ୍ନି ଖୋଖର ସୂଚନା ଦେଇଛନ୍ତି।

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ପଦବୀ ହ୍ରାସ ପ୍ରସଙ୍ଗ

# ଅଣଶିକ୍ଷକ କର୍ମଚାରୀଙ୍କ ବିକ୍ଷୋଭ

**ବ୍ରହ୍ମପୁର,୭ ।୧(ସମିସ):** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଣଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ମଙ୍ଗଳବାର ପ୍ରଶାସନିକ କୋଠା ସମ୍ମୁଖରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଚଳିତ ମାସ ୪ତାରିଖରେ ଆସିଥିବା ଚିଠି ନମ୍ବର ୬୧୧ ପ୍ରକାରେ ବିଭିନ୍ନ ଅଣଶିକ୍ଷକ ପଦବୀ ହ୍ରାସ ପାଇଥିବା ଜଣାପଡିଛି। ଯାହାକୁ ନେଇ ବିଶ୍ୱବିଦ୍ୟାଳୟର ଅଣଶିକ୍ଷକ କର୍ମଚାରୀମାନେ ପ୍ରତିବାଦ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସୂଚନା ପ୍ରକାରେ' ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୨୫ଟି ମଞ୍ଜୁରୀ ପ୍ରାପ୍ତ ସେକ୍ସନ ଅଫିସର ପଦବୀ ରହିଥିବା ବେଳେ ସେଥିରୁ ୧୩ଟି ପଦବୀ ଉଚ୍ଛେଦ କରାଯାଇଛି। ସେହିଭଳି ୬୬ଟି ସିନିୟର ଆସିଷ୍ଟାଣ୍ଟ ପଦବୀ ମଧ୍ୟରୁ ୪୧ଟି ପଦବୀ ଉଚ୍ଛେଦ କରାଯାଇଛି। ଅନୁରୁପ ଭାବେ ଜୁନିଅର ଆସିଷ୍ଟାଷ୍ଟ ୫୦ଟି ମଧ୍ୟରୁ ୬ଟି ଉଚ୍ଛେଦ କରାଯାଇଛି। ଏହିଭଳି ଭାବେ ବିଶ୍ୱବିଦ୍ୟାଳୟର ମୋଟ ୧୪୧ଟି ପଦବୀ ମଧ୍ୟରୁ ୬୦ଟି ପଦବୀକୁ ରଦ୍ଦ କରାଯାଇଥିବାରୁ କର୍ମଚାରୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ




ପାଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆରମ୍ଭରୁ ୭ଟି ଜିଲ୍ଲାକୁ ନେଇ ଯାଦର୍‌ଷ୍ଟିକ କମିଟି ଦ୍ୱାରା ପଦବୀ ସୃଷ୍ଟି କରାଯାଇଥିଲା। ଯଦ୍ୱାରା ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ୧୪୭ଟି କଲେଜ ରହିଥିବାରୁ ବିଭିନ୍ନ ବିଭାଗ ପାଇଁ ୨୫ଟି ବିଭାଗ କାର୍ଯ୍ୟ ତୁଲାଉଥିଲେ। ସେହି ଅନୁପାତରେ କର୍ମଚାରୀ ରହି କାର୍ଯ୍ୟ ତୁଲାଉଥିବା ବେଳେ ଇତିମଧ୍ୟରେ କିଛି କର୍ମଚାରୀ ଅବସର, ମୃତ୍ୟୁବରଣ ଓ ପଦୋନ୍ନତି ଫଳରେ କର୍ମଚାରୀ ସଂଖ୍ୟା ହ୍ରାସ ପାଇଥିଲା। ଫଳରେ ଜଣେ ଅଧିକାରୀଙ୍କୁ ବିଭିନ୍ନ ବିଭାଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଉଥିବାରୁ ସେମାନଙ୍କ ମାନସିକ ଚାପ ବୃଦ୍ଧି ହେଉଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ପରିସ୍ଥିତିରେ ବିଶ୍ୱବିଦ୍ୟାଳୟ ଅଧିନରେ ବହୁ କଲେଜ ଖୋଲିବା, ପାଠ୍ୟକ୍ରମ ବଢ଼ିବା, ବିଶ୍ୱବିଦ୍ୟାଳୟ ଖୋଲିବା, ଛାତ୍ରଛାତ୍ରୀଙ୍କ ସଂଖ୍ୟା ବଢ଼ିବା, ବାର୍ଷିକ ପରୀକ୍ଷା ହେଉଥିବା ବେଳେ ବର୍ତମାନ ସେମିଷ୍ଟାର ପରୀକ୍ଷା କରାଯାଉଥିବାରୁ କର୍ମଚାରୀଙ୍କର ଆବଶ୍ୟକତା ରହିଛି। ନୂତନ ପଦବୀ ସୃଷ୍ଟି ବଦଳରେ ପଦବୀ ଉଚ୍ଛେଦ କରିବା ନିଷ୍ପତ୍ତିର ପୁନଃ ବିଚାର କରିବା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଲାଗି ମଙ୍ଗଳବାର କୁଳସଚିବ ସଚ୍ଚିଦାନନ୍ଦ ନାୟକଙ୍କ ଜରିଆରେ ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ମୁଖ୍ୟମନ୍ତ୍ରୀ ଓ କୁଳାଧିପତିଙ୍କ ଉଦ୍ଦେଶ୍ୟରେ ସଂଘ ପକ୍ଷରୁ ଏକ ଅନୁରୋଧ ପତ୍ର ପ୍ରଦାନ କରାଯାଇଛି। ଯଦି ସରକାର ଏଥିପ୍ରତି ଦୃଷ୍ଟି ନଦିଅନ୍ତି ତାହାହେଲେ ଆଗାମୀ ଦିନରେ ଆନ୍ଦୋଳନ ଗଢି ତୋଳିବାକୁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ପ୍ରତିବାଦ ବିକ୍ଷୋଭ ବେଳେ ସମସ୍ତ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ।

ଧାନ ଅମଳବେଳେ ଅଘଟଣ

# ଟ୍ରାକ୍ଟର ସହ ଜଳିଗଲା ୭୦ ବସ୍ତା ଧାନ

ଖଲ୍ଲିକୋଟ,୭ ।୧(ସମିସ):

ଧାନ ଅମଳବେଳେ ଅଘଟଣ। ସର୍ଟ ସର୍କିଟରୁ ନିଆଁ ଲାଗି ଧାନ ଅମଳ ମେସିନ, ଟ୍ରାକ୍ଟର ସହିତ ଜଳିଗଲା ପ୍ରାୟ ୭୦ ବସ୍ତା ଧାନ। ଗତ କିଛି ଦିନ ତଳେ ଲଗାଣ ବର୍ଷାରୁ ଯାହା ବଞ୍ଚିଥିଲା ଏବେ ନିଆଁ ଲାଗି ସବୁ ଧାନ ପୋଡି ଯାଇଛି। ସବୁ ଧାନ ପୋଡି ଯାଇଥିବାରୁ ଏବେ ବର୍ଷସାରା କେମିତି ଚଳିବୁ ବୋଲି ବିଲ ଭିତରେ ମୁଣ୍ଡ ପିଟି କାନ୍ଦୁଛନ୍ତି ଗୌରୀ କୁମାର ମିଶ୍ର ଓ ପୁଅ ମନୋରଞ୍ଜନ ମିଶ୍ର। ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଆଇତିପୁର ପଞ୍ଚାୟତର ବଡ଼କ୍ଷେତା ବିରକୃଷ୍ଣ ଶରଣପୁର ଗ୍ରାମର ଗୌରୀ କୁମାର ମିଶ୍ର ଓ ପୁଅ ମନୋରଞ୍ଜନ ମିଶ୍ର ନିଜର ୨୦



ଭରଣ ଜମିରେ ଧାନ ଚାଷ କରିଥିଲେ। ଗତ କିଛି ଦିନ ତଳେ ହୋଇଥିବା ଲଗାଣ ବର୍ଷା ଦାଉରୁ ଧାନ ଫସଲକୁ ସୁରକ୍ଷିତ ଭାବେ ବଞ୍ଚାଇ ରଖିଥିଲେ। ମଙ୍ଗଳବାର ଟ୍ରାକ୍ଟର ଯୋଗେ ଧାନ ଅମଳ ମେସିନକୁ ବିଲ ମଧ୍ୟକୁ ଆଣି ଧାନ ଅମଳ କରୁଥିଲେ। ତେବେ ଧାନ ଅମଳ ସମୟରେ ହଠାତ ମେସିନରେ ନିଆଁ ଲାଗି ଯାଇଥିଲା। ଚାହୁଁ ଚାହୁଁ ନିଆଁ ହୁତ ହୁତ ଜଳି ଚାରିଆଡେ ବ୍ୟାପି ଯାଇଥିଲା। ଧାନ ପେଡା ମେସିନ, ଟ୍ରାକ୍ଟର ସହିତ ଧାନ ଗଦା ଜଳି ଯାଇଥିଲା। ଫଳରେ ପ୍ରାୟ ୭୦ ବସ୍ତା ଧାନ ଜଳି ପୋଡି ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିବା ଗୌରୀ କୁମାର ମିଶ୍ର କହିଛନ୍ତି। ସରକାର କ୍ଷତିପୂରଣ ଦେଲେ ଏହି ଗରିବ ବ୍ରାହ୍ମଣ ପରିବାର ବଞ୍ଚିବ ବୋଲି ସେ କହିଛନ୍ତି। ଗ୍ରାମବାସୀ ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ତେବେ ଖଲ୍ଲିକୋଟ ଅଗ୍ନିଶମ ବାହିନୀ ବହୁ ବିଳମ୍ବରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ସବୁ ଛାରଖାର ହୋଇସାରିଥିଲା।

# ଅନନ୍ତ ନାରାୟଣ କଲେଜର ବାର୍ଷିକ ଉତ୍ସବ




ଧରାକୋଟ,୭ ।୧(ସମିସ): ଧରାକୋଟସ୍ଥିତ ଅନନ୍ତ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୯ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଅକ୍ଷୟ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଜିଲ୍ଲା ପରିଷଦ ସଭାପତି ଅଞ୍ଜଳି ସ୍ୱାଇଁ ଉଦଘାଟନ କରିଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉପ ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାସ, ମୁଖ୍ୟବକ୍ତା ଭାବେ ଧରାକୋଟ ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ଼ ସୁଜିତ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବରେ ବ୍ଲକ ଶିକ୍ଷା ଅଧିକାରୀ ଲିଙ୍ଗରାଜ ସ୍ୱାଇଁ, ମୁଣ୍ଡମରାଇ କଲେଜ ଅଧ୍ୟକ୍ଷ ଦିଗାମ୍ବର ବିଶୋଇ, ଏସବିଆଇ ଶାଖା ପରିଚାଳକ ଗୌତମ ରାଉତ, ଖେମୁଣ୍ଡିଆଦୋରା କଲେଜ ଅଧ୍ୟାପକ ସଞ୍ଜୟ ଷଡ଼ଙ୍ଗୀ, ଜବାହର ଜ୍ୟୋତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଲଡ୍ଡୁ କିଶୋର ବେହେରା ଓ ଧରାକୋଟ ଥାନା ଏସଆଇ ସୁସ୍ମିତା ମଗର ଯୋଗଦେଇ ଶୃଙ୍ଖଳା ଜ୍ଞାନ, ଉଚ୍ଚ ଅଭିଳାଷ, ପ୍ରତିଦ୍ୱନ୍ଦିତାମୂଳକ ଯୁଗରେ ଆଗକୁ ବଢ଼ିବାର ସଂକଳ୍ପ ନେଇ ଚାଲିବା ପାଇଁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଇଂରାଜୀ ଅଧ୍ୟାପକ ବଳରାମ ସ୍ୱାଇଁ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଓଡିଆ ଅଧ୍ୟାପିକା ଶୁଭସ୍ମିତା ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଓଡିଆ ଅଧ୍ୟାପିକା ଆସାଞ୍ଜଳୀ ଦଳାଇ ଧନ୍ୟବାଦ୍ ଅର୍ପଣ କରିଥିବା ବେଳେ ଅର୍ଥନୀତି ଅଧ୍ୟାପିକା କ୍ଷୀରାବ୍ଧୀ ସାହୁ ଓ ଇତିହାସ ବିଭାଗ ଅଧ୍ୟାପିକା ରାଜଶ୍ରୀ ବେହେରାଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ସୋରଡ଼ା ବ୍ଲକରେ ଧାନମଣ୍ଡି ଉଦ୍‌ଘାଟିତ



ସୋରଡ଼ା,୭ ।୧(ସମିସ): ସୋମବାର ଠାରୁ ସୋରଡ଼ା ବ୍ଲକରେ ଧାନ ମଣ୍ଡି ଶୁଭାରମ୍ଭ କରାଯାଇଛି। ବ୍ଲକର ବିଭିନ୍ନ ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀ ଓ ସମବାୟ ସମ୍ପାଦକଙ୍କ ଦ୍ୱାରା ଧାନ କ୍ରୟ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ବିଡିଓ ବିଜୟ କୁମାର ପ୍ରଧାନ, ତହସିଲଦାର ଆକାଶ ରଂଜନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ବେଳେ ବ୍ଲକର ବଡ଼ବଦାଙ୍ଗୀ ଓ ହିଞ୍ଜୀଳକୁଦା ବଡଗଡ଼ ଆଦି ସହିତ ପାଲକାଟୁ ଠାରେ ବିଧାୟକ ନୀଳମଣି ବିଷୋୟୀ, ଆସ୍କା ସମବାୟ ବ୍ୟାଙ୍କ ସୋରଡ଼ା ଶାଖା ପରିଚାଳକ ଓ ସମ୍ପାଦକ ମାନେ ରହିଥିଲେ। ଏଫଏକ୍ୟୁ ମାନ ଯାଞ୍ଚ ଓ ସାନ୍ଦ୍ରତା ଚୟନ ପାଇଁ ଅନେକ ସମସ୍ୟା ରହିଥିବା ବେଳେ ଚାଷୀ ଧାନର କିଛି ସହାୟତା ପାଇଁ ଖଳାରୁ ସମବାୟ ସେବା କେନ୍ଦ୍ର ଓ ପୁଣି ମିଲର ନିକଟରେ ପହଞ୍ଚିବା ପାଇଁ ବ୍ୟବସ୍ଥା ରହିଛି। ଏଣୁ ସୁରକ୍ଷା ସମସ୍ୟା ସହିତ ଲୋଡିଂ ଓ ଅନଲୋଡିଂ ଆଦି ସହିତ ପରିବହନ ଖର୍ଚ୍ଚରେ ଚାଷୀ ସନ୍ତୁଳିତ ହେବେ ବୋଲି କୁହାଯାଇଛି।

## ବୁରୁଡ଼ିରେ ଧାନମଣ୍ଡି ଉଦ୍‌ଘାଟିତ




ହୁମ୍ମା,୭ ।୧(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ସାନରାମଚନ୍ଦ୍ରପୁର ପଞ୍ଚାୟତ ସ୍ଥିତ ହରିପୁର ବୁରୁଡିର ଶୀତଳ ଭଣ୍ଡାର ପରିସରରେ ପ୍ରାଥମିକ କୃଷି ସମବାୟ ସମିତି ତରଫରୁ ଧାନ ମଣ୍ଡି ଉନ୍ମୋଚନ ହୋଇଯାଇଛି। କାର୍ଯ୍ୟକ୍ରମରେ ବୁରୁଡି ସମବାୟ ସମିତିର ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଏବଂ ସମ୍ମାନିତ ଅତିଥି ଗଞ୍ଜାମ ବିଡ଼ିଓ ଅଚ୍ୟୁତ ଯାନୀ, ଏବିଡ଼ିଓ ଭବାନୀ ଶଙ୍କର ପ୍ରଧାନ, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଏମଆଇ ଜୟନ୍ତୀ ହରିଶ୍ଚନ୍ଦନ, ଆରଆଇ ତଥା ନୋଡାଲ ଅଫିସର ଅଳକା ମଞ୍ଜରୀ ଯାନୀ, ବିସିସି ବ୍ୟାଙ୍କ ନିର୍ଦ୍ଦେଶକ ଚନ୍ଦ୍ରଶେଖର ନାୟକ, ସାନରାମଚନ୍ଦ୍ରପୁର ପଞ୍ଚାୟତ ସରପଞ୍ଚ ବିଷ୍ଣୁପ୍ରିୟା ନାହାକ, ଏଆରସି ଏସ. କାହ୍ନୁଚରଣ ଡାକୁଆ, ଅଧ୍ୟକ୍ଷ ପ୍ରତିନିଧି ମାନସ ରଞ୍ଜନ ନାହାକ ପ୍ରମୁଖ ମଞ୍ଚାସିନ ହୋଇଥିଲେ। କାର୍ଯ୍ୟକ୍ରମକୁ ଉପେନ୍ଦ୍ର ନାୟକ, ରାମଚନ୍ଦ୍ର ନାୟକ, ସେକ୍ରେଟାରୀ ଜୟଦେବ ଦାଶ, ହରପ୍ରସାଦ ପଲେଇ, ସୁଧୀର କୁମାର ଦାଶ, ଅମରେଶ ପ୍ରଧାନ, ମନୋଜ ପ୍ରଧାନ, ବିଜୟ ଚନ୍ଦ୍ର ବିଶ୍ୱାଳ ସହଯୋଗ କରିଥିଲେ।

## ମହାବୀର ପାଣି ପଞ୍ଚାୟତକୁ ଶ୍ରେଷ୍ଠ ପୁରସ୍କାର



ଗଞ୍ଜାମ,୭ ।୧(ସମିସ): ଗଞ୍ଜାମ ଜିଲ୍ଲା ହୀରାଧାରବାଟି ଜଳ ସେଚନ ପ୍ରକଳ୍ପ ଅନ୍ତର୍ଗତ ମହାବୀର ହନୁମାନ ପାଣି ପଞ୍ଚାୟତ ସହାଭାଗି ଜଳସେଚନ ପରିଚାଳନା ମାଧ୍ୟମରେ ଜଳର ସୁଷମ ବଣ୍ଟନ, ରକ୍ଷଣାବେକ୍ଷଣ ସାମଗ୍ରିକ ଭାବେ ଦାୟିତ୍ୱ ନିର୍ବାହ କ୍ଷେତ୍ରରେ ରାଜ୍ୟରେ ଶ୍ରେଷ୍ଠ ପାଣି ପଞ୍ଚାୟତ ଭାବେ ପୁରସ୍କୃତ ହୋଇଛି। ୫ ତାରିଖରେ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ -୨୦୨୫ ଉଦଯାପନି ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ପାଣି ପଞ୍ଚାୟତର ସଭାପତି ରଘୁନାଥ ସାହୁ ଓ ସମ୍ପାଦକ ଲିଙ୍ଗରାଜ ପରିଡାଙ୍କୁ ରାଜ୍ୟର ଜଳ ସେଚନ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ ପୁରସ୍କୃତ କରିଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଷୀ ମାନଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ସେହିପରି ପାଣି ପଞ୍ଚାୟତର ସଭାପତି ଓ ସମ୍ପାଦକଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଛାତ୍ରୀ ଆତ୍ମସୁରକ୍ଷା ତାଲିମ୍ ଶିବିର



ଜଗନ୍ନାଥପ୍ରସାଦ,୭ ।୧(ସମିସ): ଜଗନ୍ନାଥପ୍ରସାଦ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ମାନଙ୍କ ଆତ୍ମସୁରକ୍ଷା ତାଲିମ୍ ଶିବିର ଉଦଘାଟିତ ହୋଇଯାଇଛି। ଅଧ୍ୟାପକ ସୁନୀଲ୍ କୁମାର ମୁନି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସଂଯୋଜକ ଡ଼ଃ ଜୟଦେବ ଗୌଡ଼ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଆତ୍ମ ସୁରକ୍ଷା ଛାତ୍ରି ମାନଙ୍କୁ କିପରି ସହାୟକ ହେବ ସେ ବିଷୟରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିଥି ଅଧ୍ୟାପିକା ସୁମିତ୍ରା ଗୌଡ଼ ଯୋଗଦେଇ ଛାତ୍ରୀ ମାନେ ଆତ୍ମରକ୍ଷା ତାଲିମ୍ ନେଇ ନିଜ ସୁରକ୍ଷା ନିଜେ କରିବା ଉଚିତ୍ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିଥି ଅଧ୍ୟାପିକା ଆଶ୍ମା ନନ୍ଦ, ସୋନାଲି ବେହେରା ଓ ପ୍ରଶିକ୍ଷିକା ସ୍ମୃତିମୟୀ ପାତ୍ର ଯୋଗ ଦେଇ ଛାତ୍ରୀ ମାନଙ୍କ ଆନସୁରକ୍ଷା ସମ୍ପର୍କରେ ଉଦବୋଧନ ଦେଇଥିଲେ। ଶିବିରରେ ୧୭୮ ଜଣ ଛାତ୍ରୀ ପ୍ରଶିକ୍ଷଣ ଗ୍ରହଣ କରିବେ ବୋଲି ସଂଯୋଜକ ସୂଚନା ଦେଇଛନ୍ତି। ସରୋଜ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

କୋଦଳା: ସ୍ଥାନୀୟ ଲକ୍ଷ୍ମୀନାରାୟଣ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ମାନଙ୍କର ଆତ୍ମ ସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଦତ୍ତାରାମ ବିଶୋଇଙ୍କ ଦ୍ୱାରା ଶିବିର ଉଦଘାଟିତ ହୋଇଥିଲା। ବରିଷ୍ଠ ଇଂରାଜୀ ଅଧ୍ୟାପକ କାଳିନ୍ଦୀଚରଣ ଦାଶ ମହିଳା ମାନେ ନିଜକୁ ବଞ୍ଚାଇବା ପାଇଁ ଶିବିରର ସଠିକ ତାଲିମ ଗ୍ରହଣ କରି କିପରି ନିଜକୁ ରକ୍ଷା କରିବେ ଛାତ୍ରୀ ମାନଙ୍କୁ ଅବଗତ କରାଇ ଥିଲେ। ସଂଯୋଜିକା ତଥା ଇତିହାସ ଅଧ୍ୟାପିକା ସନ୍ଧ୍ୟାରାଣୀ ତରାଇ, ଅଧ୍ୟାପକ ପଞ୍ଚାନନ ଦାସ, ରୋହିତ କୁମାର ବାରିକ, ଆଶୁତୋଷ ସାହୁ, ଅଧ୍ୟାପିକା ପ୍ରିୟଙ୍କା ସାହୁ, ପ୍ରିୟଙ୍କା ପ୍ରିୟଦର୍ଶନୀ ଏବଂ ସୁଦଷ୍ଟା ପ୍ରଧାନ ଶିବିରର ବିଭିନ୍ନ ଦିଗ ସମ୍ପର୍କରେ ଛାତ୍ରୀଙ୍କୁ ଅବଗତ କରାଇଥିଲେ। ପ୍ରଶିକ୍ଷିକା କଲ୍ୟାଣୀ କୁମାରୀ ପଣ୍ଡା ଏବଂ ଭାରତୀ ଗୌଡ଼ ତାଲିମର ବିଭିନ୍ନ ନିୟମ ବିଷୟରେ ଅବଗତ କରିଥିଲେ।

## ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ବୈଠକ



ସୋରଡ଼ା,୭ ।୧(ସମିସ): ସୋରଡ଼ା ବ୍ଲକ ନିକଟ ବଡଗଡ ସ୍ଥିତ ମା'ଫୁଲକାଶୁଣି ମନ୍ଦିରରେ ଗଞ୍ଜାମ ଜିଲ୍ଲା ଅବସରପ୍ରାପ୍ତ ସୈନିକ ସଂଘ ତରଫରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସୈନିକଙ୍କ ପରିବାର ସହିତ ସମସ୍ତ ସଭ୍ୟ ଏକ ସଭାର ଆୟୋଜନ କରିଥିଲେ। ଜିଲ୍ଲାର ବ୍ରହ୍ମପୁର, ଭଞ୍ଜନଗର, ଆସିକା, କବିସୂର୍ଯ୍ୟନଗର, ସୋରଡା ଭଳି ବିଭିନ୍ନ ଅଞ୍ଚଳରୁ ୬୦ରୁ ଉର୍ଦ୍ଧ୍ୱ ଅବସରପ୍ରାପ୍ତ ସୈନିକ ଯୋଗ ଦେଇଥିଲେ। ସୋରଡା ସଂଘର ସଭାପତି କୃଷ୍ଣଚନ୍ଦ୍ର ସାହୁ, ସମ୍ପାଦକ ହାବିଲଦାର ଗୁରୁଚନ୍ଦ୍ର ପଟ୍ଟନାୟକ, ରତ୍ନାକର ଗୌଡ଼, ସୁରେଶ ଚନ୍ଦ୍ର ବିଷୋୟୀ, ଉଦ୍ୟନାଥ ଗୌଡ଼, ବିଦ୍ୟାଧର ବେହେରା, ମୁରଲୀ ଗୋଛୟତ, ପ୍ରଫୁଲ ଚନ୍ଦ୍ର ଦାସ, ନିରଞ୍ଜନ ପଣ୍ଡା, ଏନ୍ ବି କେ ପାତ୍ର, ଡାକ୍ତର ଗୌଡ଼, ସନ୍ତୋଷ ମହାକୁଡ ସହଯୋଗ କରିଥିଲେ।

## ଉପଖଣ୍ଡସ୍ତରୀୟ ବକ୍ତୃତା ପ୍ରତିଯୋଗିତା

ଛତ୍ରପୁର,୭ ।୧(ସମିସ): ମହାନ ବିପ୍ଳବୀ ବୀର ଚକରା ବିଷୋୟୀଙ୍କ ୨୦୨ ତମ ଜନ୍ମ ଦିବସ ପାଳନ ଉପଲକ୍ଷେ ଚଳିତ ବର୍ଷ ରାଜ୍ୟସ୍ତରୀୟ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବକ୍ତୃତା ପ୍ରତିଯୋଗିତା ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ବିଦ୍ୟାଳୟସ୍ତରୀୟ ଓଡିଆ ବକ୍ତୃତା ପ୍ରତିଯୋଗିତାରେ ଟି. ମନୀଷା -ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟ, ଛତ୍ରପୁର ପ୍ରଥମ ସ୍ଥାନ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ତରୀୟ (+୨) ଓଡିଆ ବକ୍ତୃତା ପ୍ରତିଯୋଗିତାରେ ସ୍ନେହା ରଥ, ପ୍ରତିଭା ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଛତ୍ରପୁର ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ମହାବିଦ୍ୟାଳୟସ୍ତରୀୟ ଓଡିଆ ବକ୍ତୃତା ପ୍ରତିଯୋଗିତାରେ ସ୍ୱାତୀ ସ୍ୱରୂପା ମିଶ୍ର ଛତ୍ରପୁର ମହିଳା ସ୍ନାତକ ମହାବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଉଚ୍ଚ ବିଦ୍ୟାଳୟସ୍ତରୀୟ ଓଡ଼ିଆ ପ୍ରବନ୍ଧ ପ୍ରତିଯୋଗିତାରେ ସମିତାରାଣୀ ସ୍ୱାଇଁ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ସ୍ମୃତି ମୁଦୁଲୀ ପ୍ରଥମ ସ୍ଥାନ ଓ ମହାବିଦ୍ୟାଳୟ ସ୍ତରୀୟ ଓଡିଆ ପ୍ରବନ୍ଧ ପ୍ରତିଯୋଗତାରେ ଲୀଜା ମହାକୁଡ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସମସ୍ତ ପ୍ରତିଯୋଗିତାରେ ଅଶୋକ କୁମାର ଚୌଧୁରୀ, ପୂର୍ବତନ ବିଧାୟକ, ସୁମିତା ମିଶ୍ର, ଅଧ୍ୟକ୍ଷା, ମହିଳା ସ୍ନାତକ ମହାବିଦ୍ୟାଳୟ, ଛତ୍ରପୁର ସନ୍ତୋଷ କୁମାର ପାଢୀ, ସାମ୍ବାଦିକ ଓ ଅରୁଣ କୁମାର ଶତପଥୀ, ସ୍ୱେଚ୍ଛାସେବୀ ବିଚାରକ ରହିଥିଲେ।



## ବ୍ଲକ୍‌ସ୍ତରୀୟ ପ୍ରବାସୀ ଭାରତୀୟ ଦିବସ

ରମ୍ଭା,୭ ।୧(ସମିସ): ଶ୍ରୀମର୍ଦ୍ଦରାଜ ଉଚ୍ଚ ବିଦ୍ୟାଳୟ ଖଲ୍ଲିକୋଟ ସମ୍ମିଳନୀ କକ୍ଷ ପରିସରରେ ବ୍ଲକସ୍ତରୀୟ ପ୍ରବାସୀ ଭାରତୀୟ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଷଷ୍ଠୀ ଶ୍ରେଣୀ ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ କ୍ଲଷ୍ଟର ସ୍ତରରେ ମନୋନୀତ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସ୍ଥାନୀୟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟ ଅତିଥି, ଗୋଷ୍ଠୀ ଶିକ୍ଷା ଅଧିକାରୀ ସଦ୍ୟସ୍ନାନ ପଣ୍ଡା ମୁଖ୍ୟବକ୍ତା, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୋମତି ପ୍ରଧାନ, ଗୋପପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ବେହେରା, ବ୍ଲକ୍ ଉପାଧ୍ୟକ୍ଷାଙ୍କ ପ୍ରତିନିଧି କାଳୁ ମହାରଣା, ସମାଜସେବୀ ରମେଶ ପରିଡ଼ା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ପ୍ରବାସୀ ଭାରତୀୟ ଦିବସ ପାଳନର ମହତ୍ୱ, ପ୍ରୟୋଜନତା, ପ୍ରବାସୀଙ୍କ ଅବଦାନରେ କିଭଳି ଆମ ଦେଶ ପରିପୁଷ୍ଟ ହୋଇଛି ସେନେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରାକ୍ତନ ସିଆର୍‌ସିସି ଦୁର୍ଯ୍ୟୋଧନ ପଲାଇ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ନାୟକ, ସିଆର୍‌ସିସି କୃଷ୍ଣଚନ୍ଦ୍ର ପରିଡ଼ା, ପ୍ରଶାନ୍ତ କୁମାର ସେଠୀ, ପ୍ରଜ୍ଞା କୁମାର ପଟ୍ଟନାୟକ, ପବିତ୍ର ବେହେରା, ପ୍ରକାଶ ଚନ୍ଦ୍ର ସେଠୀ, ପବନା ସ୍ୱାଇଁ, ରାଜେନ୍ଦ୍ର ପ୍ରସାଦ ପଣ୍ଡା ସୁଶୀଳ କୁମାର ପଣ୍ଡା, ଲିପନ ପଣ୍ଡା, ପ୍ରମୋଦ କୁମାର ପ୍ରଧାନ, ନିରଞ୍ଜନ ଗୁରୁ, ଅନାଥ ବେହେରା, ନିରଞ୍ଜନ ସେଠୀ, ରବୀନ୍ଦ୍ର କୁମାର ନାହାକ, ଶୁଭେନ୍ଦୁ ରାଉତ ପ୍ରମୁଖ ପ୍ରବାସୀ ଭାରତୀୟ ଦିବସ ପାଳନ ଉତ୍ସବରେ ସହଯୋଗ କରିଥିଲେ। ଆୟୋଜିତ ଉତ୍ସବରେ ବହୁ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷାବିତ୍, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## କବୟିତ୍ରୀ ଅମୀୟବାଳାଙ୍କ ସ୍ମୃତିସଭା

କବିସୂର୍ଯ୍ୟନଗର,୭ ।୧(ସମିସ): କବିସୂର୍ଯ୍ୟନଗର ପ୍ରତିଷ୍ଠିତ କବିସୂର୍ଯ୍ୟ ବଳଦେବ ସ୍ମୃତି ସଂସଦ ସମସ୍ତ କର୍ମକର୍ତ୍ତା, ସଭ୍ୟ କବୟିତ୍ରୀ ଅମୀୟବାଳା ପଟ୍ଟନାୟକ ଦେହାନ୍ତରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଫେସର କୈଳାଶ ନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ଡ଼ଃ. ଗୋବିନ୍ଦ ପ୍ରସାଦ ରଥ, ପଦ୍ମଚରଣ ଦାସ, ବିଶ୍ୱନାଥ ରାଉତ, ଗୁରୁନାଥ ଗୌଡ଼, ମୁରଲୀଧର ପାଣିଗ୍ରାହୀ, ଯଦୁକୁଳ ଚନ୍ଦ୍ର ପଟ୍ଟନାୟକ, ଶରତ ଚନ୍ଦ୍ର ଡାକୁଆ, ବିଶ୍ୱନାଥ ରାଉତ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ଅତ୍ୟାଧୁନିକ ସାହିତ୍ୟର ବିନ୍ଧାଣି ଭାବେ ହୃଦୟଗଙ୍ଗା, ଅମୃତାକ୍ଷର ପ୍ରଭୃତି କବିତା ସଂକଳନ ସହ ଅନୁବାଦ ପୁସ୍ତକ ରଚନା ଦ୍ୱାରା ସେ ବେଶ ଜନାଦୃତ। ସାହିତ୍ୟ ଏକାଡେମୀ ଦ୍ୱାରା ସେ ପୁରସ୍କୃତ। ଏପରି ଜଣେ ବିଶିଷ୍ଟ ସାହିତ୍ୟିକ ମୃତ୍ୟୁରେ ସାହିତ୍ୟ ଜଗତର ଅପୂରଣୀୟ କ୍ଷତି ହୋଇଛି ବୋଲି ସଂସଦ କର୍ମକର୍ତ୍ତା କହିଥିଲେ।

ଏସ୍‌ଏଚ୍‌ଜି ମାଧ୍ୟମରେ ଧାନବିକିବାକୁ ଅମଙ୍ଗ

# ତାଲା ପକାଇ ପ୍ରତିବାଦ କଲେ ଚାଷୀ

ଧରାକୋଟ,୭ ।୧(ସମିସ):

ଧରାକୋଟ ବ୍ଲକର ରୁଗୁମୁ ପଞ୍ଚାୟତ ଅଧିନସ୍ଥ ବେଠୁଆର, କାନଗିରିଡ଼ି, ଆଡ଼ିବନ୍ଧ, ସୁଣ୍ଡିପଲି ଓ ରୁଗୁମୁ ଗ୍ରାମର ୬୨୭ ଜଣ ଚାଷୀଙ୍କ ମଧ୍ୟରୁ ୨୩୦ ଜଣ ଚାଷୀଙ୍କ ନାମ

### ସମବାୟ ସମିତି ମାଧ୍ୟମରେ ଧାନବିକ୍ରି ଦାବି

ଚଳିତ ଖରିଫ ଋତୁରେ ନିକଟସ୍ଥ ଓଳମ୍ବା ଗ୍ରାମର ମା'ଭୈରବୀ ସ୍ୱୟଂ ସହାୟକ ଗୋଷ୍ଠୀ ନିକଟରେ ଧାନବିକ୍ରି ପାଇଁ ତାଲିକାଭୁକ୍ତ ହୋଇଛି। ଯାହାକୁ ନେଇ ଉତ୍ତ୍ୟକ୍ତ ହୋଇ ଚାଷୀ ରୁଗୁମୁ ସେବା ସମବାୟ ସମିତି କାର୍ଯ୍ୟାଳୟରେ ତାଲା ପକାଇବା ସହ ନିଆଁ ଜାଳି ପ୍ରତିବାଦ କରିଥିଲେ। ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡି ଓ



ଯୋଗାଣ ନିରୀକ୍ଷକ ସଞ୍ଜୟ ମଲିକ ଘଟଣାସ୍ଥଳରେ ପହଞ୍ଚିବା ସହିତ ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ମହିଳା ଗୋଷ୍ଠୀ ମାଧ୍ୟମରେ ଯେଉଁ ଚାଷୀ ଧାନ ବିକ୍ରି ପାଇଁ ଅନିଚ୍ଛା ପ୍ରକାଶ କରିଥିଲେ ସେମାନଙ୍କୁ ନିଜ ନିଜର ଆଧାର କାର୍ଡ ଓ ଫାର୍ମର ଆଇଡିର ନକଲ ରୁଗୁମୁ ସମବାୟ ସମିତି ସମ୍ପାଦକଙ୍କ ନିକଟରେ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।

ପ୍ରକାଶ ଯୋଗ୍ୟ ସରକାରୀ ଘୋଷଣା ମୁତାବକ ଗତ ତିନି ତାରିଖ ଦିନ ଠାରୁ ଧରାକୋଟ ବ୍ଲକରେ ୨୦ଟି ମଣ୍ଡି ଆରମ୍ଭ ହୋଇଛି। ସେଥି ମଧ୍ୟରୁ ୧୫ଟି ସମବାୟ ସମିତି ରହିଥିବାବେଳେ ୫ଟି ସ୍ୱୟଂ ସହାୟକ ଗୋଷ୍ଠୀ ରହିଛନ୍ତି। ଏହା ମଧ୍ୟରେ ଚାଷୀ ମାନଙ୍କୁ କିଏ କେଉଁ ମଣ୍ଡି ଓ ସ୍ୱୟଂ ସହାୟକ ଗୋଷ୍ଠୀକୁ ନିଜ ଧାନ ବିକ୍ରି କରିବେ ସେଥିପାଇଁ ଟୋକେନ ପ୍ରଦାନ କରାଯାଇଛି। ହେଲେ ଚାଷୀ ମାନେ ସ୍ୱୟଂ ସହାୟକ ଗୋଷ୍ଠୀକୁ ଧାନ ବିକ୍ରି ପାଇଁ ଅନିଚ୍ଛା ପ୍ରକାଶ କରୁଛନ୍ତି। କାରଣ ବର୍ଷ ସାରା ଚାଷୀମାନେ ସମିତି ନିକଟରୁ ଋଣ ଆଣିବା ସହ ସାର ମଧ୍ୟ ଆଣୁଛନ୍ତି। ଏଣୁ ସମିତି ସହ ଚାଷୀମାନେ ଯୋଡ଼ି ହୋଇ ରହିବାକୁ ଚାହୁଁଛନ୍ତି। ଯାହାକୁ ନେଇ ପ୍ରତିବାଦର ସ୍ୱର ଉଠାଇଥିଲେ ଚାଷୀ। ସଠିକ ସମୟରେ ସରକାରୀ ଅଧିକାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ଚାଷୀମାନଙ୍କ ସହିତ ଆଲୋଚନା କରି ପ୍ରତିଶ୍ରୁତି ପ୍ରଦାନ ପରେ ଚାଷୀମାନେ ଆଶ୍ୱସ୍ତ ହୋଇଛନ୍ତି।

ସକାଳ THE SAKALA



www.sakalaepaper.com

## ସଂଶୋଧିତ ଭୋଟର୍ ତାଲିକା ପ୍ରକାଶିତ




ଫୁଲବାଣୀ,୭।୧(ସମିସ): ଫୁଲବାଣୀ ବିଧାନସଭା କ୍ଷେତ୍ରର ସଂଶୋଧିତ ଭୋଟର ତାଲିକା ଆଜି ପ୍ରକାଶିତ ହୋଇଛି। ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ଜେନା ଓ ଫୁଲବାଣୀ ଉପଜିଲ୍ଲାପାଳ ଚିତ୍ତରଞ୍ଜନ ମହନ୍ତ ଏହାର ଉନ୍ମୋଚନ କରିଛନ୍ତି। ସୂଚନାଯୋଗ୍ୟ, ଗତ କିଛି ମାସ ଧରି ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଚାଲିଥିଲା। ଆଜି ଚୂଡାନ୍ତ ତାଲିକା ପ୍ରକାଶିତ କରାଯାଇଛି। ଏ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟ ଅଧିକାରୀଙ୍କ ସମେତ ବିଜେଡି ପକ୍ଷରୁ ବିରୁପକ୍ଷ ପଣ୍ଡା, କଂଗ୍ରେସ ପକ୍ଷରୁ ବିଜୟ ମହାନ୍ତି, ଆମ ଆଦମୀ ପାର୍ଟି ପକ୍ଷରୁ ଗିରିଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କୁ ଅସଦାଚରଣ ଅଭିଯୋଗ

ଆସିକା,୭ ।୧(ସମିସ): ଗତ ୪ ତାରିଖ ଦିନ ହିଞ୍ଜିଳି ଥାନା ସନ୍ତୋଷପୁର ଗାଁର ଉତ୍ତରେଶ୍ୱର ମନ୍ଦିରକୁ ଯାଉଥିବାବେଳେ ପିତର ପୂର୍ବତନ ସରପଞ୍ଚ କୃଷ୍ଣ ମଳିକ ମହିଳାଙ୍କୁ ଅସଦାରଣ କରିଥିବା ନେଇ ନିଜ ପରିବାର ଲୋକଙ୍କୁ କହିଥିଲେ। ଏନେଇ ମହିଳାଙ୍କ ସ୍ୱାମୀ ଓ ଭାଇ କୃଷ୍ଣ ମଳିକଙ୍କୁ ପଚାରିବାରୁ ମହିଳାଙ୍କ ସ୍ୱାମୀଙ୍କୁ ହତ୍ୟା ଉଦ୍ୟମ କରିଥିଲେ। ଏନେଇ ମହିଳା ଜଣକ ଆସିକା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏହି ମାମଲାରେ ତିନି ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ଗଞ୍ଜେଇ ଜବତ; ୩ ଗିରଫ

ଆସିକା,୭ ।୧(ସମିସ): ଆସିକା ଥାନା କାଳଷଣ୍ଢପୁର ନିକଟରେ ଆସିକା ଅବକାରୀ ବିଭାଗର ଚଢ଼ଉ କରି ଜଣେ ଗଞ୍ଜେଇ ମାଫିଆକୁ ଗିରଫ କରିବା ସହ ବସ୍ତାରେ ଥିବା ଗଞ୍ଜେଇକୁ ଜବତ କରିଛି। ଅଭିଯୁକ୍ତ ହେଲେ ସମନ ଶେଖ। କାଳଷଣ୍ଢପୁର ଛକ ନିକଟରେ ସେ ବସ ଯୋଗେ ପଶ୍ଚିମବଙ୍ଗ ଯିବା ପାଇଁ ଅପେକ୍ଷା କରୁଥିବା ବେଳେ ଅବକାରୀ ବିଭାଗ ଚଢ଼ାଉ କରିଥିଲା। ସେହିପରି ଆରିୟାନ ପବ୍ଲିକ ସ୍କୁଲ ନିକଟରେ ମୋବାଇଲ ସ୍କ୍ୱାର୍ଡ ଚଢ଼ାଉ କରି ଦାରିବାଡିଙ୍ଗରୁ ଅଟୋ ଯୋଗେ ବ୍ରହ୍ମପୁର ଯାଉଥିବା ବେଳେ ଦୁଇ ଗଞ୍ଜେଇ ମାଫିଆକୁ ଗିରଫ କରିବା ସହ ୧୫ କେଜି ଗଞ୍ଜେଇ ଜବତ କରିଥିଲେ। ଦୁଇ ଗଞ୍ଜେଇ ମାଫିଆ ହେଲେ କୋଦୋଳା ଅଞ୍ଚଳର ମୀନ କେତନ ସେଠି ଓ ଗୋଲୋକ ପରିଛା। ଉଭୟଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବାବେଳେ ଅବକାରୀ କେଶ ନମ୍ବର ୧୦୪/୨୪-୨୫, ୨୨୦/୨୪-୨୫ରେ ମାମଲା ରୁଜୁ କରାଯାଇଥିବା ଅବକାରୀ ବିଭାଗ ଓ ମୋବାଇଲ ସ୍କ୍ୱାର୍ଡ ପକ୍ଷରୁ ସୂଚନା ମିଳିଛି।

## ହଂସିକା ମାମଲାରେ ବାଲିଗୁଡ଼ାରେ ଆଇଟି ଚଢ଼ଉ

ଫୁଲବାଣୀ/ବାଲିଗୁଡା,୭/୧(ସମିସ): ବହୁ ଚର୍ଚ୍ଚିତ ହଂସିକା ଚାନ୍ଦ ମାମଲାରେ ମଙ୍ଗଳବାର ବାଲିଗୁଡାର ପ୍ରତିଷ୍ଠିତ ବ୍ୟବସାୟୀ ତଥା ବରିଷ୍ଠ କଂଗ୍ରେସ ନେତା ସୀମାଞ୍ଚଳ ଆଚାର୍ଯ୍ୟଙ୍କ ଘରେ ଚଢ଼ଉ କରିଛି ଆୟକର ବିଭାଗ। ଭୁବନେଶ୍ୱରରୁ ଆସିଥିବା ଆୟକର ବିଭାଗର ଏକ ଆଠ ଜଣିଆ ଟିମ ସୀମାଞ୍ଚଳଙ୍କ ବଜାର ସାହିରେ ଥିବା ବାସଗୃହ ସମେତ ପେଟ୍ରୋଲ ପମ୍ପ, କିରୋସିନ ଡିପୋ, କ୍ରସର, ବିଦେଶୀ ମଦ କାଉଣ୍ଟରରେ ଚଢାଉ କରିଛନ୍ତି। ସକାଳୁ ଆରମ୍ଭ ହୋଇଥିବା ଏହି ଚଢାଉ ସନ୍ଧ୍ୟା ପର୍ଯ୍ୟନ୍ତ ଜାରୀ ରହିଛି। ତେବେ ଚଢାଉର ଫଳାଫଳ ସମ୍ପର୍କରେ ଆଧିକାରିକ ଭାବେ କୌଣସି ତଥ୍ୟ ମିଳିନାହିଁ। ସୂଚନାଯୋଗ୍ୟ, ସୀମାଞ୍ଚଳଙ୍କ ପୁଅ ତଥା କଂଗ୍ରେସର ଯୁବନେତା ମନୋଜଙ୍କ ସହିତ ହଂସିକା ଓରଫ ବିଷ୍ଣୁପ୍ରିୟା ଚାନ୍ଦଙ୍କ ସମ୍ପର୍କ ରହିଥିବା କୁହାଯାଇଛି। ମନୋଜ ୨୦୧୪ ସାଧାରଣ ନିର୍ବାଚନରେ କଂଗ୍ରେସ ପକ୍ଷରୁ କନ୍ଧମାଳ ଲୋକସଭା ଆସନ ପାଇଁ ପ୍ରାର୍ଥୀ ହୋଇଥିଲେ। ହଂସିକାଙ୍କ ଅପରାଧ ସାମ୍ରାଜ୍ୟ ସହିତ ମନୋଜଙ୍କ ଲିଙ୍କ ସନ୍ଦେହରେ ଏହି ଚଢ଼ାଉ କରାଯାଇଥିବା ଅନୁମାନ କରାଯାଉଛି।

## ଆତ୍ମରକ୍ଷା ତାଲିମ ଶିବିର




ବୁଗୁଡ଼ା,୭ ।୧(ସମିସ): ବୁଗୁଡ଼ା ବ୍ଲକ ଅନ୍ତର୍ଗତ ମାଣିତରା ବିଜ୍ଞାନ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଅନୁପ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ଉତ୍କଳ ସାମ୍ବାଦିକ ସଙ୍ଘ ସଭାପତି ଅନିଲ ପଟ୍ଟନାୟକ ଯୋଗଦେଇ ଶିବିରକୁ ଉଦଘାଟନ କରିବା ସହ ଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିପିନ ବିହାରୀ ପରିଡା, ଅଧ୍ୟାପକ କାହ୍ନୁ ଚରଣ ଦାଶ, ଡ଼. ପ୍ରିୟବ୍ରତ ପ୍ରଧାନ, ସନ୍ତୋଷ କୁମାର ଗୌଡ଼, ନିହାର ରଞ୍ଜନ ପ୍ରଧାନ, ରମା ବଲ୍ଲଭ ରାଉତ, ସୁଜିତ କୁମାର ସାହୁ, ସଚ୍ଚିଦାନନ୍ଦ ପ୍ରଧାନ, ଭାବଗ୍ରାହୀ ମହାରଣା, କାଳିଆ ଗୌଡ଼ ପ୍ରମୁଖ ଯୋଗଦେଇଥିଲେ। ସଂଯୋଜିକା ଅର୍ଚ୍ଚନା କୁମାରୀ ମୁନିଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରରେ ପ୍ରଶିକ୍ଷିକା ଭାବେ ସମିତା ଜେନା ଓ ମଧୁସ୍ମିତା ଜେନା ଯୋଗଦେଇଛନ୍ତି। ସେହିପରି ବୁଗୁଡ଼ା ପିପୁଲ୍ସ କଲେଜରେ ଅଧ୍ୟକ୍ଷ ହରେକୃଷ୍ଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଅଧ୍ୟାପକ ପ୍ରଦୀପ କୁମାର ଦାଶ ଯୋଗଦେଇ ଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ। ସଂଯୋଜିକା ରଶ୍ମିତା ପଟ୍ଟନାୟକଙ୍କ ପରିଚାଳନାରେ ପ୍ରଶିକ୍ଷିକା ଭାବେ ସମିତା ଜେନା ଓ ପୂଜାରାଣୀ ସ୍ୱାଇଁ ଯୋଗଦେଇ ତାଲିମ ପ୍ରଦାନ କରୁଛନ୍ତି।

# ଦେଶୀମଦ ଭାଟିରେ ଓଡ଼ିଶା ଓ ଆନ୍ଧ୍ରର ମିଳିତ ଚଢ଼ଉ

ବ୍ରହ୍ମପୁର,୭ ।୧(ସମିସ)

ଆନ୍ଧ୍ର-ଓଡିଶା ସୀମାନ୍ତ ଗ୍ରାମରେ ଥିବା ଦେଶୀ ମଦଭାଟି ଉପରେ ଉଭୟ ରାଜ୍ୟର ଅବକାରୀ ବିଭାଗ ଓ ପୁଲିସ ପକ୍ଷରୁ ମିଳିତ ଚଢଉ କରାଯାଇଛି। ସୀମାନ୍ତ ଅଞ୍ଚଳର ପାହାଡ଼ ଉପରେ ଥିବା ୩ଟି ଗ୍ରାମରେ ଚଢଉ କରି ୨୬ ହାଜର ୪୦୦ କେଜି ପୋଚ ନଷ୍ଟ କରାଯାଇଥିବା ବେଳେ ୧୩୮୦ ଲିଟର ବେଆଇନ ଦେଶୀମଦଜବତ କରାଯାଇଛି। ଜରଡା ଥାନା ଅନ୍ତର୍ଗତ ଆନ୍ଧ୍ରପ୍ରଦେଶ-ଓଡିଶା ସୀମାନ୍ତ ଅଞ୍ଚଳରେ ଥିବା ପାହାଡ ଉପର ଗ୍ରାମଗୁଡ଼ିକରେ ବେଆଇନ ଭାବେ ଦେଶୀ ମଦ ପ୍ରସ୍ତୁତ କରାଯାଉଥିବା ଖବର ମିଳିବା ପରେ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଳମ ଜିଲ୍ଲାର ଅବକାରୀ ବିଭାଗ ଓ ଟିକିଟି ଅବାକରୀ ବିଭାଗ, ଦକ୍ଷିଣାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ, ଜରଡା ଥାନା ପୁଲିସ ପକ୍ଷରୁ ଆଜି ସେହି ଅଞ୍ଚଳର ବଡ଼ଝୋଳ, ଫଟକାସିଂ ଓ ଗାଙ୍ଗପୁର ଗ୍ରାମରେ ଚଢଉ କରାଯାଇଥିଲା। ତେବେ ଅବକାରୀ ଓ ପୁଲିସର ମିଳିତ ଚଢଉ ପୂର୍ବରୁ ବେଆଇନ ମଦ ପ୍ରସ୍ତୁତ କରୁଥିବା ବ୍ୟକ୍ତିମାନେ ଫେରାର ହୋଇସାରିଥିଲେ।



ଏହି ଚଢଉରେ ଶ୍ରୀକାକୁଲମ ଅବକାରୀ ଅଧୀକ୍ଷକ ତ୍ରିପତି ନାଇଡୁ, ଦକ୍ଷିଣାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ଉପ-ଅଧୀକ୍ଷକ ସ୍ମୃତିକାନ୍ତ ରାଉତ, ଜରଡା ଥାନା ଅଧିକାରୀ ଟୁନା ସାସମଲ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର



ଖଲ୍ଲିକୋଟ,୭ ।୧(ସମିସ)

ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ମିଳିଛି। ଏହି ପୁରସ୍କାର ବାବଦରେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମିଳିଛି ଏକ ଲକ୍ଷ ଟଙ୍କା। ମଙ୍ଗଳବାର ଅନୁଷ୍ଠିତ ରୋଗୀ କଲ୍ୟାଣ ସମିତି ବୈଠକରେ ଏ ସମ୍ପର୍କରେ ଘୋଷଣା କରାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗନ୍ତାୟତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ନିର୍ଦ୍ଦେଶ ପ୍ରକାରେ ବର୍ତ୍ତମାନ ସ୍ୱାସ୍ଥ୍ୟ କେନ୍ଦ୍ରରେ ଟିବି ସ୍କ୍ରିନିଂ ଚାଲିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩୬ ଜଣ ଚିହ୍ନଟ ହୋଇଥିବା କହିଥିଲେ। ସେମାନଙ୍କୁ ସରକାରଙ୍କ ତରଫରୁ ପ୍ରତି ମାସ ରେ ମାଗଣା ଔଷଧ ସହିତ ହଜାର ଟଙ୍କା ମୂଲ୍ୟର ଏକ ଡ୍ରାଏ ଫୁଡ ପ୍ୟାକେଟ ଓ ଏକ ହଜାର ଟଙ୍କା ନଗଦ ଦିଆଯିବାର ବ୍ୟବସ୍ଥା ରହିଛି ବୋଲି କହିଥିଲେ। ମେଡିକାଲରେ ଥିବା ଆମ୍ବୁଲାନ୍ସର ସମୟ ଅବଧି ଶେଷ ହେବାକୁ ବସିଥିବା ବେଳେ ନୂତନ ଆମ୍ବୁଲାନ୍ସ ଗାଡି ଆଣିବାକୁ ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ସମସ୍ୟା ହେଉଛି ଡାକ୍ତର ଅଭାବ। ନିକଟରେ ୧୬ ନମ୍ବର ଜାତୀୟ ରାଜପଥ ଯାଇଥିବା ରୁ ପ୍ରତିଦିନ ଦୁର୍ଘଟଣା ଘଟି ଗୁରୁତର ଆହତ ରୋଗୀ ଏହି ମେଡିକାଲକୁ ଆସୁଛନ୍ତି। ତେବେ ଏଠାରେ କୌଣସି ଆନୁସାଙ୍ଗିକ ବ୍ୟବସ୍ଥା ନଥିବାରୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ରେଫର କରି ଦିଆଯାଏ। ରକ୍ତ ଅଭାବ ତଥା ଆପାତାକାଳୀନ ଚିକିତ୍ସା ଅଭାବରୁ ପ୍ରାୟ ଗୁରୁତର ରୋଗୀଙ୍କ ମୃତ୍ୟୁ ଘଟିଥାଏ। ପୂର୍ବ ସରକାର ସମୟ ରେ ଘୋଷଣା ହୋଇଥିବା ଟ୍ରମା କେୟାର ସେଣ୍ଟର ପ୍ରତିଷ୍ଠା ଆଜି ପର୍ଯ୍ୟନ୍ତ ହୋଇ ପାରି ନାହିଁ। ତେବେ ଟ୍ରମା କେୟାର ସେଣ୍ଟର ପାଇଁ ଏଠାରେ ସମସ୍ତ ଆନୁସାଙ୍ଗିକ ବ୍ୟବସ୍ଥା ସରିଥିବା ବେଳେ ଆନାସ୍ଥେସିଆ ଓ ସର୍ଜରୀ ବିଶେଷଜ୍ଞଙ୍କ ନିଯୁକ୍ତି ହୋଇ ନ ଥିବାରୁ ଏହା କାର୍ଯ୍ୟକ୍ଷମ ହୋଇ ପାରୁନାହିଁ ବୋଲି ଡାକ୍ତର ପ୍ରଦୀପ କୁମାର ଗଂତାୟତ କହିଛନ୍ତି। ବୈଠକରେ ଖଲ୍ଲିକୋଟ ବିଡ଼ିଓ ଦେବାଶିଷ ସାମଲ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଖଲ୍ଲିକୋଟ ମେଡିକାଲକୁ କାୟାକଳ୍ପ ପୁରସ୍କାର ମିଳିଥିବାରୁ ଅତିଥି ମାନେ ଉତ୍ସବ ପାଳନ କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ କର୍ମଚାରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

## ସାରଙ୍ଗଡ଼ରେ ଧାନ ମଣ୍ଡି ଉଦ୍‌ଘାଟିତ



କ.ନୂଆଗାଁ,୭।୧(ସମିସ): କନ୍ଧମାଳ ଜିଲ୍ଲା କ. ନୂଆଗାଁ ବ୍ଲକ ସାରଙ୍ଗଡ଼ରେ ସମବାୟ ସମିତି ପରିସରରେ ସଭାପତି ହରିଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତରେ ମଙ୍ଗଳବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଲିଗୁଡା ବିଧାୟକ ଚକ୍ରମଣି କହଁର, ସମ୍ମାନିତ ଅତିଥି ଭାବେ କ.ନୂଆଗାଁ ବ୍ଲକ ଜିଲ୍ଲା ପରିଷଦ ସଭ୍ୟା ଅନିତା ମଲ୍ଲିକ, ବାଲିଗୁଡ଼ା ସମବାୟ ସମିତି ସହକାରୀ ନିବନ୍ଧକ ସୁକାନ୍ତ ପାଢ଼ୀ, ଟିକାବାଲି ଆରଏମସି ସମ୍ପାଦକ ସଞ୍ଜୟ ପଟ୍ଟନାୟକ, ସାରଙ୍ଗଡ଼ ସରପଞ୍ଚ ବରୁଣ କହଁର, ୱଡଗୁଡା ସରପଞ୍ଚ ସଞ୍ଜୟ କୁମାର ପ୍ରଧାନ, ଜିରିଡିକିଆ ସରପଞ୍ଚ ରାଜକୁମାରୀ ପ୍ରଧାନ, ଏମଆଇ କ.ନୂଆଗାଁ, ସାରଙ୍ଗଡ଼ ସମବାୟ ସମିତିର ଏମଡି ବିବେକାନନ୍ଦ ସେନାପତି ଯୋଗ ଦେଇଥିଲେ। ଚଳିତ ବର୍ଷ ଚାଷୀଙ୍କ ଠାରୁ ଏକୋଇଶି ଶହ କ୍ୱିଣ୍ଟାଲରୁ ଅଧିକ ଧାନ ସଂଗ୍ରହ କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ପ୍ରକାରେ ଇନପୁଟ ସହାୟତା ରାଶି ପୂର୍ବକ କ୍ୱିଣ୍ଟାଲ ପ୍ରତି ଏକତିରିଶି ଶହ ଟଙ୍କା ପ୍ରଦାନ କରାଯିବ ବୋଲି ସମବାୟ ସମିତି ଏମଡି କହିଥିଲେ। ଚାଷୀଙ୍କୁ ଭଲ ଧାନ ଆଣିବା ପାଇଁ କହିଥିଲେ। ସମବାୟ ସମିତି କ୍ୟାସିଆର ଦାମୋଦର ପ୍ରଧାନ ଏବଂ ସାମନ୍ତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଖପାଖର ବହୁତ ଚାଷୀ ଯୋଗ ଦେଇଥିଲେ।

## ଶିକ୍ଷକ ସୌରଭ ସମ୍ମାନ ଉତ୍ସବ



ବୁଗୁଡ଼ା,୭ ।୧(ସମିସ): ସ୍ଥାନୀୟ ଶିକ୍ଷକ ଭବନ ପରିସରରେ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସପ୍ତମ ଶିକ୍ଷକ ସୌରଭ ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ନ୍ୟାସ ସଭାପତି ବିଶ୍ୱମୋହନ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବିଇଓ ନୀଳମାଧବ ଷଡଙ୍ଗି, ସମ୍ମାନିତ ଅତିଥି ଭାବେ କେ.ନୀଳମାଧବ ଆଚାରୀ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ଭାରପ୍ରାପ୍ତ ବିଡିଓ ତାପସ ରାଉତ, ଅବସରପ୍ରାପ୍ତ ବିଦ୍ୟାଳୟ ଉପପରିଦର୍ଶକ ପ୍ରଫୁଲ କୁମାର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ହରେକୃଷ୍ଣ ପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମ ଅବସରରେ ଅବସରପ୍ରାପ୍ତ ଶିକ୍ଷକ ନନ୍ଦ କିଶୋର ମିଶ୍ର, ଚନ୍ଦ୍ର ଶେଖର ଡାକୁଆ, ଚନ୍ଦ୍ରମଣି ଗୌଡ଼, ଲମ୍ବୋଦର ମିଶ୍ର, ଘନଶ୍ୟାମ ବାରିକ, ନାରାୟଣ ଗନ୍ତାୟତ, ସୁବାସ ଚନ୍ଦ୍ର ପଟ୍ଟନାୟକ, ସୁବାସ ଚନ୍ଦ୍ର ମହାନ୍ତି, ଶ୍ୟାମ ସୁନ୍ଦର ନାୟକ, ସୁବାସ ଚନ୍ଦ୍ର ନାୟକ, ମଦନ ମୋହନ ଦୋରା, ପ୍ରଫୁଲ କୁମାର ଖାଡ଼ଙ୍ଗା, ଆର୍ତ୍ତତ୍ରାଣ ରଥ ପ୍ରମୁଖ ୧୩ ଜଣଙ୍କୁ ଶିକ୍ଷକ ସୌରଭ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥି ସହ ପୂର୍ବରୁ ଆୟୋଜିତ ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ଦେଶାତ୍ମବୋଧକ ସଙ୍ଗୀତ ଗାନ ଓ ସାଧାରଣଜ୍ଞାନ ଆଦି ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅନନ୍ତ କର ବେଦପାଠ ଏବଂ ସମ୍ପାଦକ ପ୍ରକାଶ ଚନ୍ଦ୍ର ରଥ ବିବରଣୀ ପାଠ କରିଥିବାବେଳେ ପରିଶେଷରେ ଉପସଭାପତି ବିପିନ ବିହାରୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାଂସ୍କୃତିକ ଟିମ୍‌ର କୋଲକାତା ଗସ୍ତ

ଗୋପାଳପୁର,୭ ।୧(ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାଂସ୍କୃତିକ ପରିଷଦ ପକ୍ଷରୁ ଆଜି ୩୬ ଜଣିଆ ଦଳ ପୂର୍ବାଞ୍ଚଳ ଯୁବ ମହୋତ୍ସବରେ ଭାଗ ନେବା ପାଇଁ କଲିକତା ଗ୍ରସ୍ତ କରିଛନ୍ତି। ଚଳିତ ମାସ ୮ ରୁ ୧୨ ତାରିଖ ପର୍ଯ୍ୟନ୍ତ କଲିକତା ସ୍ଥିତ ସିଷ୍ଟର ନିବେଦିତା ବିଶ୍ୱବିଦ୍ୟାଳୟରେ ପୂର୍ବାଞ୍ଚଳ ଅନ୍ତଃ ବିଶ୍ୱବିଦ୍ୟାଳୟ ଯୁବ ମହୋତ୍ସବର କଳା, ସାହିତ୍ୟ ଓ ସାଂସ୍କୃତିକ ପ୍ରତିଯୋଗିତାରେ ଏହି ଦଳ ଭାଗ ନେବେ ବୋଲି ଜଣାପଡିଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୩୬ଜଣ ଛାତ୍ରଛାତ୍ରୀ ଗସ୍ତ କରିଛନ୍ତି। ପରିଚାଳକ ଭାବେ




ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଡ. ମିହିର କୁମାର ତ୍ରିପାଠୀ, ପରିଚାଳିକା ଭାବେ ଅଧ୍ୟାପିକା ଅସ୍ମିତା ବେଉରା ଦଳରେ ରହିଛନ୍ତି। ଏହି ଅବସରରେ ସାଂସ୍କୃତିକ ସଂଯୋଜିକା ଡ ସରିତା ଦାଶ, ସହ କୁଳସଚିବ ଡ ସରୋଜ କୁମାର ଦାଶ, କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ଯୁଗ୍ମ କୁଳସଚିବ ଡ଼. ବାବୁଜୀ ସାମଲ, ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ଗଞ୍ଜାମ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଦିଗପହଣ୍ଡି ଗସ୍ତ

ଦିଗପହଣ୍ଡି,୭ ।୧(ସମିସ): ଗଞ୍ଜାମ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ମଧୁମିତା ମଙ୍ଗଳବାର ଦିଗପହଣ୍ଡି ଗସ୍ତରେ ଆସି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବିଡ଼ିଓ ଡ଼.ଚିତ୍ତରଞ୍ଜନ ଦାସ ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ବୃନ୍ଦ ତାଙ୍କୁ ସ୍ୱାଗତ କରିଥିଲେ। ସେ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଦାନ ପକ୍ଷରୁ ଗ୍ରାମାଞ୍ଚଳ ମାନଙ୍କରେ କରାଯାଉଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ନେଇ ସମୀକ୍ଷା କରି ଫେରିଥିବା ଜଣାପଡିଛି। ଦିଗପହଣ୍ଡି ବ୍ଲକ ୨୫ଟି ପଞ୍ଚାୟତ ଅଧିନ ଗ୍ରାମମାନଙ୍କରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅନୁଦାନରେ ନିର୍ମିତ ଅଧାପନ୍ତରିଆ ପ୍ରକଳ୍ପ ଗୁଡ଼ିକୁ ଶୀଘ୍ର ସାରିବାକୁ ଉପସ୍ଥିତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଦିଗପହଣ୍ଡି ବ୍ଲକର ବିଭିନ୍ନ ପଞ୍ଚାୟତ ଅଧିନ ଗାଁ ମାନଙ୍କରେ ବସୁଧା ଯୋଜନାରେ ନିର୍ମିତ ପାନୀୟ ଜଳ ପ୍ରକଳ୍ପ ପରିଚାଳନାରେ ଗୁରୁତର ସମସ୍ୟା ରହୁଥିବା ନେଇ ଏହାର ସମାଧାନ ଉପରେ ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦେଇଥିଲେ। ବ୍ଲକ କାର୍ଯ୍ୟାଳୟ ପରିସରରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ରାଜୀବ ଚନ୍ଦ୍ର ପ୍ରଧାନ ଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ଫୁଲବାଣୀ,୭।୧(ସମିସ): କନ୍ଧମାଳ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଶୁଣାଣି ପାଇଁ ସମୁଦାୟ ୯୮ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୮୬ ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ବେଳେ ୧୨ ସାମୂହିକ ଅଭିଯୋଗ ଥିଲା। ଶୁଣାଣିରେ ଆରକ୍ଷୀ ଅଧୀକ୍ଷକ ହରିଶ ବି ସି, ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇ, ଫୁଲବାଣୀ ଉପଜିଲ୍ଲାପାଳ ଚିତ୍ତରଞ୍ଜନ ମହନ୍ତଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଭାରୋତ୍ତୋଳନରେ ପୁରୁଷ ଦଳର ପଞ୍ଜାବ ଗସ୍ତ



ଗୋପାଳପୁର,୭ ।୧(ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ପକ୍ଷରୁ ଆଜି ଭାର ଉତ୍ତୋଳନ ପୁରୁଷ ଦଳ ପଞ୍ଜାବ ଗସ୍ତ କରିଛନ୍ତି । ପଞ୍ଜାବ ସ୍ଥିତ ଲୋଭଲି ପ୍ରଫେସନାଲ ୟୁନିଭରସିଟିରେ ଚଳିତ ମାସ ୧୧ ଓ ୧୨ ତାରିଖରେ ହେବାକୁ ଥିବା ଉତ୍ତର-ପୂର୍ବାଞ୍ଚଳ ଅନ୍ତ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ଭାଗ ନେବେ। ଦଳରେ ବ୍ରହ୍ମପୁର ସିଟି କଲେଜର ରାମ ଚରଣ ମାଡ଼କାମୀ ୫୫ କେ.ଜି ବର୍ଗରେ, ବାଲିପଦର ଆଞ୍ଚଳିକ ସାଇନ୍ସ କଲେଜର ଆଶିଷ ମହାନ୍ତି ୬୧ କେ. ଜି ବର୍ଗରେ, ଦୀପକ କୁମାର ପ୍ରଧାନ ୬୭ କେ. ଜି ବର୍ଗରେ, ଦାମଦର ପାଣିଗ୍ରାହୀ ୭୩ କେ. ଜି ବର୍ଗରେ , ସିପନ ମହାପାତ୍ର ୯୬ କେ. ଜି ବର୍ଗରେ, ସନାତନ ମଲ୍ଲିକ ୮୧ କେ. ଜି ବର୍ଗରେ, ବ୍ରହ୍ମପୁର ବିନାୟକ ଆଚାର୍ଯ୍ୟ କଲେଜ ନରସିମା ନାୟକ ୮୯ କେ. ଜି ବର୍ଗରେ ରହିଥିବା ବେଳେ ମେନେଜର ଭାବେ ଗୁଣୁପୁର ମହର୍ଷି ରେସିଡେନ୍ସି କଲେଜର ପି ଆର ଓ କୃଷ୍ଣ ଚନ୍ଦ୍ର ସାହୁ, କୋଚ ଭାବେ କ୍ରୀଡ଼ା ପରିଷଦର ସଭ୍ୟ ସଚ୍ଚିଦାନନ୍ଦ ଦାଶ ଦଳରେ ଗସ୍ତ କରିଛନ୍ତି। କ୍ରୀଡ଼ା ପରିଷଦ ପକ୍ଷରୁ କୁଳପତି ପ୍ରଫେସର ଗିତାଞ୍ଜଳୀ ଦାଶ, କ୍ରୀଡ଼ା ପରିଷଦ ସମ୍ପାଦକ ଡ.ସାରଦା ପ୍ରସାଦ ସାହୁ,ଅର୍ଜୁନ ଆବାଡ଼ି କେ. ରବି କୁମାର,ରାଜେଶ କୁମାର ମହାନ୍ତି, ନାରାୟଣ ସାହୁ, ସଂଜୀବ କୁମାର ସାହୁ, ରମେଶ ଚନ୍ଦ୍ର ପାଢ଼ୀ,ରବି ଚରଣ ମିଶ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଘରୁ ଟାଣିନେଇ ଧାନ ଖାଉଛନ୍ତି ହାତୀ

ଭଞ୍ଜନଗର,୭ ।୧(ସମିସ)

ଏବେ ଉତ୍ତର ଘୁମୁସର ବନଖଣ୍ଡ ଅଧିନ ମୁଜାଗଡ ବନାଞ୍ଚଳ ଇଲାକାରେ ୨୫ ଜଣିଆ ହାତୀପଲ ଙ୍କ ଦୌରାତ୍ମ୍ୟ ଜାରୀ ରହିଛି। ସନ୍ଧ୍ୟା ହେଲେ ଜଙ୍ଗଲରୁ ବାହାରକୁ ଚାଲି ଆସି ଗାଁ ଭିତରେ ପଶୁଛନ୍ତି। ଘରଦ୍ୱାର ଭାଙ୍ଗି ଧାନ ଚାଉଳ ବସ୍ତା ଟାଣିନେଇ ଖାଇ ଯାଉଛନ୍ତି। ଧାନର ବାସ୍ନା ହାତୀ ପଲକୁ ଅଫିମ ନିଶା ଭଳି ଧରିଛି। ଫଳରେ ପ୍ରତିଦିନ ନୂଆ ନୂଆ ଗାଁକୁ ଟାର୍ଗେଟ କରୁଛନ୍ତି ହାତୀ ପଲ। ବନ କର୍ମଚାରୀ ମାନେ ଏଥିପାଇଁ ନାକେଦମ ହେଉଛନ୍ତି। ଜଙ୍ଗଲ ପାଖ ଗାଁ ଲୋକେ ହାତୀ ଭୟରେ ଘରେ ଶାନ୍ତିରେ



ଶୋଇ ପାରୁନାହାନ୍ତି। ଗତ ୪ ଦିନ ଧରି ହାତୀ ପଲ ମୁଜାଗଡ ବନାଞ୍ଚଳର ଗୁଣ୍ଡୁରିବାଡି, ଚିଟିପଲ୍ଲୀ, ବିରିକୋଟ ଓ ନିଧିଆପଲ୍ଲୀ ଆଦି ଗାଁରେ ତାଣ୍ଡବ ରଚିଥିବା ବେଳେ ଘରେ ଶୋଇଥିବା ଲୋକେ ଜୀବନ ଭୟରେ ରାତିସାରା ଅନିଦ୍ରା ରହୁଛନ୍ତି। ଚିଟିପଲ୍ଲୀ ସ୍କୁଲ ଘର ପାଚେରୀ ଭାଙ୍ଗିବା ସହ ଗାଁର ଅନେକ ଲୋକଙ୍କର ଘର ଭାଙ୍ଗି ଧାନ ବସ୍ତା ଘରୁ ଟେକି ନେଇ ଖାଇଛନ୍ତି। ଗୁଣ୍ଡୁରିବାଡି ଗ୍ରାମର ଟୁନା ମଳିକ ଙ୍କ ଫାର୍ମ ହାଉସ୍ ରେ ପଶି ଘରଦ୍‌"ାର ଭାଙ୍ଗିବା ସହ ଫସଲ ନଷ୍ଟ କରିଛନ୍ତି। ସେହିପରି ବିରିକୋଟ ସ୍କୁଲ ଘର ଭାଙ୍ଗି ମଧ୍ୟାହ୍ନ ଭୋଜନ ଚାଉଳ ଖୋଜି ଖାଇଛନ୍ତି।

ସୋମବାର ରାତିରେ ହାତୀ ପଲ ନିଧିଆପଲ୍ଲୀ ଗାଁର ଢେପସାହି ଉପରକୁ ଥିବା ଏକ ସାହି ରେ ପଶି ଏଠାରେ ଥିବା ୫ ଟି ଘର ର ଉଭୟ ପଟୁ ଘର ଭିତରକୁ ପଶିବାକୁ ଉଦ୍ୟମ କରିଛନ୍ତି। ଗ୍ରାମର ଲକ୍ଷ୍ମୀ ମଳିକଙ୍କ ଛାତଘରକୁ ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ଫଳରେ ତାଙ୍କ ଘରର ଗ୍ରୀଲ୍ ଓ ତାପାଖ ଝରକା ଭାଙ୍ଗିବା ସହ ସିମେଣ୍ଟ କାନ୍ଥରେ ଫାଟ ସୃଷ୍ଟି ହୋଇଛି।

ସେହିପରି ତାଙ୍କ ଘରର ପଛ ପଟୁ ରୋଷେଇ ଶାଳ ଭାଙ୍ଗି ଏକ ବସ୍ତା ଧାନ ଟାଣିନେଇ ଖାଇଛନ୍ତି। ସେହିପରି ସୁରାଟ ମଳିକ ଙ୍କ ଇନ୍ଦିରା ଆବାସ ଘର ର ଦୁଇପଟ ଗେଟ୍ ଠେଲି ଦେଇଛନ୍ତି ହାତୀ ପଲ। ପରେ ଘର ଭିତରକୁ ଶୁଣ୍ଢ ପୁରାଇ ଧାନ ବସ୍ତା ଖୋଜିଛନ୍ତି। ମଙ୍ଗଳବାର ହାତୀ ପଲ ଖାରିଗୁଡା ଜଙ୍ଗଲରେ ଥିବା ଡିଏଫଓ ହିମାଂଶୁ ଶେଖର ମହାନ୍ତି ସୂଚନା ଦେଇଛନ୍ତି।

